## ସଂକ୍ଷେପରେ

### ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

ରସୁଲପୁର,୩୧।୧୦(ରଞ୍ଜିତ ରାଉତ):

କୁଆଖିଆ ଥାନା ପ୍ରଥମାଖଣ୍ଡି ପଞ୍ଚାୟତର ମହିଳା ଗାୟତ୍ରୀ ସାମଲ(୨୨)ଙ୍କୁ ରବିବାର ରାତିରେ ହତ୍ୟା ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ତାଙ୍କ ସ୍ୱାମୀ ବିଭୁତି ସାମଲଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ବିଭୂତି ଗାଁ ନିକଟରେ ଜଣେ ଠିକାଦାରଙ୍କ ଷ୍ଟକୟାର୍ଡରେ କାର୍ଯ୍ୟ କରନ୍ତି। ରବିବାର ରାତିରେ ସେ ଭୋଜି ଖାଇ ଘରକୁ ଫେରିଥିଲେ। କବାଟ ବାଡେଇ ଡାକିବାରୁ ସ୍ତ୍ରୀଙ୍କ ବଦଳରେ ତାଙ୍କ ମା' କବାଟ ଖୋଲିଥିଲେ। ଏହାକୁ ନେଇ ଦମ୍ପତିଙ୍କ ମଧ୍ୟରେ ବଚସା ହୋଇଥିଲା। ଷ୍ଟକ ୟାର୍ଡ ନିକଟରେ କାମ କରୁଥିବା ଜଣେ ଯୁବତୀଙ୍କ ସହ ସ୍ୱାମୀଙ୍କ ଅନୈତିକ ସଂପର୍କ ରହିଛି ବୋଲି ଗାୟତ୍ରୀ କହିଥିଲେ। ଫଳରେ ଏହାକୁ ନେଇ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ସ୍ତ୍ରୀଙ୍କ ବ୍ୟବହାରରେ ସ୍ୱାମୀ ରାଗି ଯାଇ ତାଙ୍କୁ ମାଡ଼ ମାରିବାରୁ ସେ ଅଚେତ ଅବସ୍ଥାରେ ତଳେ ପଡିଯାଇଥିଲେ। ପରେ ସେ ମରି ଯାଇଥିବା ସନ୍ଦେହ କରି ବିଭୂତି ଗାୟତ୍ରୀଙ୍କୁ ଘର ପାଖ ପୋଖରୀ ମଧ୍ୟକୁ ଫିଙ୍ଗି ଦେଇଥିଲେ। ପୋଖରୀ ଦଳଯୁକ୍ତ ହୋଇଥିବାରୁ ମହିଳା ଜଣକ ଏକ ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ। ପରେ ବିଭୁତି ତାଙ୍କ ଶ୍ୱଶୁର ଘର (ସେହି ଗ୍ରାମରେ)ଲୋକଙ୍କୁ ତାଙ୍କ ଝିଅ ରାଗି ଘରୁ କୁଆଡେ ପଳାଇଯାଇଛି ବୋଲି ଜଣାଇଥିଲେ। ପରିବାର ଲୋକେ ଝିଅକୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି କୌଣସି ସ୍ଥାନରେ ଠାବ କରିବାରେ ବିଫଳ ହୋଇଥିଲେ। ସୋମବାର ମହିଳା ଜଣକ ଚେତାଶୂନ୍ୟ ଅବସ୍ଥାରେ ପୋଖରୀ ଦଳରେ ପଡିଥିବା ଲୋକେ ଦେଖିବାକୁ ପାଇଥିଲେ। ଏହାଜାଣି ଝିଅଘର ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା କରାଇଥିଲେ। ଚେତା ଫେରିବାରୁ ଗାୟତ୍ରୀ ପୂର୍ବଦିନ ରାତିରେ ଘଟିଥିବା ଘଟଣା ସଂପର୍କରେ ବଖାଣିବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବିଭୂତି ୫ବର୍ଷ ତଳେ ଘର ପାଖ ଝିଅ ଗାୟତ୍ରୀଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ଅଛନ୍ତି।

### ଜିଲା କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ

ଯାଜପୁର ଟାଉନ,୩୧।୧୦
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ ଗାନ୍ଧୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁ ରାଉତ, ଦିଗମ୍ବର କର, ଅଂଚଳ ଦାସ, ଦୁର୍ଯ୍ୟୋଧନ ବେହେରା, ବଳଭଦ୍ର ଦାସ, ବିଭୂତି ମହାପାତ୍ର, ହୃଷିକେଶ ପତି, କନକ ରାଉତ, ଅରକ୍ଷିତ ଦାସ, ବିଜୟ ମହାପାତ୍ର, ବିଦ୍ୟାଧର ବାରିକ, ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ଇନ୍ଦିରାଙ୍କ ଫଟୋଚିତ୍ରରେ ପୁଷ୍ପଅର୍ପଣ କରିଥିଲେ।

### ଜିଲାସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ

ଯାଜପୁର ଟାଉନ,୩୧।୧୦
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଜିଲାସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ (ରାଜସ୍ୱ)ଶୁଭେନ୍ଦ୍ର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ସାମଲ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ। ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କ ସଂଚାଳନରେ ଆୟୋଜିତ ଏହି ଶପଥ ପାଠ ଉତ୍ସବରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଜିଲା ବେସାମରିକ ଯୋଗାଣ ଅଧିକାରୀ ସଲ୍ଲାଉଦ୍ଦିନ ଖାଁ, ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ କୁଳମଣି ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଶପଥ ପାଠରେ ଯୋଗ ଦେଇଥିଲେ।

# ୮୯୯ ଜଣଙ୍କ ଆବେଦନ ପଡ଼ିରହିଛି

## ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା




- ମାସକ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ ପାଇଁ ଡିଡବ୍ଲ୍ୟୁଓଙ୍କୁ ନିର୍ଦ୍ଦେଶ
- ଯୋଗ୍ୟ ଛାତ୍ରୀଛାତ୍ର ପାଇବେ ବାର୍ଷିକ ୨୦ ହଜାର ଟଙ୍କା

ଯାଜପୁର,୩୧।୧୦
(ହର୍ଷବର୍ଦ୍ଧନ ବେହେରା) :

ଉଚ୍ଚଶିକ୍ଷାକୁ ଅନ୍ତର୍ଭୁକ୍ତ କରିବା ଏବଂ ମୋଟ ନାମଲେଖା ଅନୁପାତକୁ ବୃଦ୍ଧି କରିବା ପାଇଁ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା(ଜିଏସ୍ଏସ୍‌ୱାଇ) ପ୍ରଣୀତ ହୋଇଛି। ଏହି ଲକ୍ଷ୍ୟକୁ ପୂରଣ କରିବାକୁ ଅନେକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିରେ ଜିଏସ୍ଏସ୍‌ୱାଇ ସମେତ ଇ-ମେଧାବୃତ୍ତି, କଳିଙ୍ଗ ଶିକ୍ଷା ସାଥି ଯୋଜନା, ଗ୍ରୀନ ପେସେଜ ସ୍କିମ୍ ଆଦି ରହିଛି। ଏହାସହ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ଛାତ୍ରୀଛାତ୍ରମାନଙ୍କ ପାଇଁ ସହାୟତା ଯୋଜନା ପ୍ରସ୍ତାବ ରହିଛି। ସେଥିମଧ୍ୟରୁ ଜିଏସ୍ଏସ୍‌ୱାଇ ଯୋଜନା ଅନ୍ୟତମ। ଏଥିରେ ଏଚ୍ଆଇଭି ସଂକ୍ରମିତ ପରିବାରର ସନ୍ତାନ, ଗୃହହୀନ ପରିବାର, ପାର୍ଟିକୁଲାରୀ ଭଲନେରେବୁଲ ଟ୍ରାଇବାଲ ଗ୍ରୁପ(ବିଶେଷ ଦୁର୍ବଳ ଜନଜାତି ଗୋଷ୍ଠୀ), ଆଇନ ଭାବେ ମୁକ୍ତ ବନ୍ଧନ ଶ୍ରମିକ(ବଣ୍ଡେଡ ଲେବର), ଏକକ ମାତୃ କେନ୍ଦ୍ରୀକ ପରିବାର(ସିଙ୍ଗଲ ମଦର ଫ୍ୟାମିଲି)ର ଛାତ୍ରୀଛାତ୍ରମାନଙ୍କୁ ଏହି ଯୋଜନାରେ ବାର୍ଷିକ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ରହିଛି। ତେବେ ରାଜ୍ୟର ଜିଲା କଲ୍ୟାଣ ଅଧିକାରୀ (ଡିଡବ୍ଲ୍ୟୁଓ)ସ୍ତରରେ ବିଭିନ୍ନ କାରଣରୁ ୨୦୨୧-୨୨ ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ ୮୯୯ଟି ଛାତ୍ରୀଛାତ୍ରଙ୍କ ଆବେଦନ ପଡ଼ି ରହିଛି। ତେଣୁ ମାସକ ମଧ୍ୟରେ ଉପରୋକ୍ତ ଜିଏସ୍ଏସ୍‌ୱାଇ ଆବେଦନକାରୀଙ୍କ ବିଧିମାନ୍ୟ ପ୍ରକ୍ରିୟା ସମ୍ପୂର୍ଣ୍ଣ କରି ରିପୋର୍ଟ ପ୍ରଦାନ କରିବାକୁ ସମସ୍ତ ଜିଲାପାଳମାନଙ୍କୁ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ପ୍ରତିଭା ସାହୁ ଅନୁରୋଧ କରିଛନ୍ତି।

ଜିଏସ୍ଏସ୍‌ୱାଇରେ ଆବେଦନକାରୀ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ଭାବେ ଚିହ୍ନଟ କରିବାର ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ରହିଛି। ସମ୍ପୃକ୍ତ ଛାତ୍ରୀଛାତ୍ରମାନଙ୍କଠାରୁ ଆବେଦନ ପତ୍ର ଗ୍ରହଣ କରିବା ପରେ ଶିକ୍ଷାନୁଷ୍ଠାନର ଅଧକ୍ଷ ଆବଶ୍ୟକ ଦଲିଲ ସହିତ ଛାତ୍ରୀଛାତ୍ରଙ୍କ ସମସ୍ତ ବିବରଣୀ ଯାଞ୍ଚ କରିବେ। ଆବଶ୍ୟକ ସ୍ଥଳେ ଅନୁଷ୍ଠାନର ଅଧକ୍ଷ ଆବେଦନ ପତ୍ରଗୁଡ଼ିକର ଯାଞ୍ଚ ପାଇଁ ଏକ କମିଟି ଗଠନ କରିପାରନ୍ତି। ଅସମ୍ପୂର୍ଣ୍ଣ, ବିଳମ୍ବିତ ଆବେଦନ ଏବଂ ଅଯୋଗ୍ୟ ଛାତ୍ରୀଛାତ୍ରମାନଙ୍କ ଆବେଦନପତ୍ରକୁ ଶିକ୍ଷାନୁଷ୍ଠାନର ଅଧକ୍ଷ ବାତିଲ କରି ପାରିବେ। କେବଳ ଯୋଗ୍ୟ ଛାତ୍ରୀଛାତ୍ରମାନଙ୍କ ଆବେଦନପତ୍ର ଜିଲାପାଳଙ୍କ ନିକଟରେ ଦାଖଲ କରିବେ। ଦାଖଲ ହୋଇଥିବା ଦୁଇଟି ସେଟ୍ ମଧ୍ୟରୁ ଗୋଟିଏ ସେଟ୍ ରେକର୍ଡ ପାଇଁ କଲେଜ ବା ଶିକ୍ଷାନୁଷ୍ଠାନରେ ରହିବ। ଏହାପରେ ଜିଲାପାଳଙ୍କସ୍ତରରେ ଯାଞ୍ଚ ପ୍ରକ୍ରିୟା କରାଯିବ। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଗ୍ରହଣ ହୋଇଥିବା ଆବେଦନ ପତ୍ରଗୁଡିକୁ ଏକ କମିଟି ସମ୍ମୁଖରେ ରଖାଯିବ । ଯାହା ଯୋଗ୍ୟ ଛାତ୍ରୀଛାତ୍ରଙ୍କ ଚୂଡ଼ାନ୍ତ ତାଲିକା ଜିଲାପାଳସ୍ତରରେ ସମ୍ପୂର୍ଣ୍ଣ କରାଯିବ। ଏହି ଯୋଜନାର ଯୋଗ୍ୟତା ମାନଦଣ୍ଡକୁ ଦୃଷ୍ଟିରେ ରଖି ଆର୍ଥିକ ସହାୟତା ଅନୁଦାନ ପାଇଁ ଆବେଦନକାରୀଙ୍କ ଅନୁରୋଧକୁ କମିଟି ବିଚାର କରିବ। ଏହାପରେ ଜିଲାପାଳଙ୍କ ଦ୍ୱାରା ଉଚ୍ଚଶିକ୍ଷା ବିଭାଗକୁ ପଠାଯିବ । ଯୋଗ୍ୟ ଛାତ୍ରୀଛାତ୍ରଙ୍କ ତାଲିକାରେ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଏବଂ ଆଇଏଫ୍ଏସ୍‌ସି କୋଡ ସମେତ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟର ବିବରଣୀ ରହିବ। ଏହି ଯୋଜନା ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ହେବ । ଆବେଦନପତ୍ର ଦାଖଲ ପାଇଁ ସବିଶେଷ ପ୍ରକ୍ରିୟା ଉଚ୍ଚଶିକ୍ଷା ବିଭାଗର ଅଫିସିଆଲ ୱେବସାଇଟରେ ପୋଷ୍ଟ ହେବ । ଏ ବାବଦରେ ବିଜ୍ଞାପନଗୁଡ଼ିକ ବ୍ୟାପକ ପ୍ରସାର ପାଇଁ ଖବରକାଗଜରେ ପ୍ରକାଶିତ ହେବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ତେବେ ଯାଜପୁର ଜିଲାରେ ଗତ ୨ ବର୍ଷରେ ମାତ୍ର ୩ ଜଣ ଛାତ୍ରୀଛାତ୍ରଙ୍କ ଆବେଦନ ରହିଥିବା ରିପୋର୍ଟରୁ ଜଣାପଡିଛି। ଏଥିରୁ ଉପଯୁକ୍ତ ଭାବେ ଛାତ୍ରୀଛାତ୍ରଙ୍କ ଚିହ୍ନଟ ହୋଇ ନ ଥିବା ସନ୍ଦେହ କରାଯାଉଛି।

ଅନ୍ୟପକ୍ଷେ ୨୦୨୨-୨୩ ବର୍ଷରେ ଗଞ୍ଜାମ ଜିଲାରେ ସର୍ବାଧିକ ୭୩ ଜଣ ଓ ଗଜପତି ଜିଲାରେ ୬୦ ଜଣ ଏବଂ ୨୦୨୨-୨୩ ବର୍ଷରେ ମଧ ଗଞ୍ଜାମ ଜିଲାରେ ସର୍ବାଧିକ ୨୮୦, ଗଜପତି ଜିଲାରେ ୨୦୩ ଜଣ ଛାତ୍ରୀଛାତ୍ରଙ୍କ ନାମ ରହିଛି। ଅନ୍ୟ ଜିଲାଗୁଡିକରେ ତାଲିକା ରିପୋର୍ଟକୁ ଅବଲୋକନ କଲେ ସେତେଟା ସନ୍ତୋଷଜନକ ହୋଇ ନ ଥିବା ଅନୁମାନ କରାଯାଉଛି। ଏହିକ୍ରମରେ ଶତାଧିକ ଯୋଗ୍ୟ ଛାତ୍ରୀଛାତ୍ର ଏହି ମହତ ଯୋଜନାରୁ ବାଦ ପଡି ପାରନ୍ତି ବୋଲି ମତପ୍ରକାଶ ପାଇଛି।

# ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ


ଆଲୋଚନା ସଭାରେ ଉପସ୍ଥିତ ବକ୍ତାମାନେ।

ଯାଜପୁରରୋଡ୍,୩୧।୧(ପବିତ୍ର ରଞ୍ଜନ ମହାନ୍ତି):

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ଶ୍ରାଦ୍ଧ ଦିବସ ଓ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ସ୍ଥାନୀୟ ଅଣସଂଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ (କେ.କେ.ସି) କାର୍ଯ୍ୟାଳୟଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଅଧକ୍ଷ ବିଦ୍ୟାଧର ମହାନ୍ତି ଉଦ୍‌ବୋଧନ ଦେଇ ଇନ୍ଦିରାଙ୍କ ସମୟରେ ବ୍ୟାଙ୍କ ଜାତୀୟ କରଣ, ପ୍ରାଦେଶିକ ରାଜାଙ୍କ ହାତ ପାଣ୍ଠି ଉଚ୍ଛେଦ ଓ ସିକିମକୁ ମିଶ୍ରଣ ଆଦି ଐତିହାସିକ ପଦକ୍ଷେପ ନିଆଯାଇଥିଲା ବୋଲି କହିଥିଲେ। ପରେ ଲୌହ ମାନବ ସର୍ଦ୍ଦାର ବଲଭଭାଇ ପଟେଲଙ୍କ ଜୟନ୍ତୀକୁ ଦେଶର ଏକତା, ଅଖଣ୍ଡତା ବଜାଇ ରଖିବା ପାଇଁ ଏକତା ଦିବସ ଭାବେ ପାଳନ କରାଯାଉଛି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଆନନ୍ଦ ଚନ୍ଦ୍ର ସାହୁ, ଭଗବାନ ନାୟକ, ସେକ୍ ଇମ୍ରାନ ବିଦ୍ୟାଧର ଯେନା, କାର୍ତ୍ତିକ ପରମାଣିକ, ଅଶୋକ କୁମାର ନାୟକ, ସେକ୍ ନାଜିର୍, ଟୁଲୁ ଯେନା ଓ ସୁଶାନ୍ତ କୁମାର ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ରାଷ୍ଟ୍ରୀୟ ଏକତା ଦିବସ ପାଳିତ



ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ବଡ଼ଚଣା,୩୧।୧୦(ଦିଲୀପ ମହାନ୍ତି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ମଙ୍ଗଳବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଦେଶରେ ଭାଷା, ସାହିତ୍ୟ, ସଂସ୍କୃତି, ଇତିହାସ, ଭୌଗଳିକ ପରିସ୍ଥିତି, ଖାଦ୍ୟ, ପୋଷାକ, ପର୍ବ ପର୍ବାଣି ମଧ୍ୟରେ ବିଭିନ୍ନତା ଥିଲେ ମଧ୍ୟ ଆମେ ସମସ୍ତେ ଭାରତୀୟ ଭାବେ ଗର୍ବ କରିଥାଉ ବୋଲି କଲେଜ ଅଧକ୍ଷ ପବିତ୍ର ମୋହନ ମାହାଲା ମତବ୍ୟକ୍ତ କରିଥିଲେ। ଅତିଥିଭାବେ ପୂର୍ବତନ ଅଧକ୍ଷ ବ୍ରଜକିଶୋର ସ୍ୱାଇଁ, ଅଧ୍ୟାପକ ନାରାୟଣ ଚନ୍ଦ୍ର ମୁଦୁଲି ଯୋଗଦେଇ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଉପରେ ବକ୍ତବ୍ୟ ରଖିବା ସହ ଛାତ୍ରୀଛାତ୍ର ତାଙ୍କର ପଦାଙ୍କ ଅନୁସରଣ କରିବା ପାଇଁ ଆହ୍ୱାନ କରିଥିଲେ। ଅଧ୍ୟାପିକା ରଞ୍ଜିତା ସ୍ୱାଇଁ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକତା ବଜାୟ ରଖିବା ପାଇଁ ଶପଥ ପାଠ କରାଇଥିଲେ। ଜାତୀୟ ସେବା ଯୋଜନାର ସଂଯୋଜକ କିଶୋର କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଂଯୋଜିକା ଗୀତାଞ୍ଜଳି ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ

ଚଣ୍ଡିଖୋଲ,୩୧।୧୦(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା କଂଗ୍ରେସ ପକ୍ଷରୁ ବାଲିଚନ୍ଦ୍ରପୁରଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ସକାଳେ ବାଲିଚନ୍ଦ୍ରପୁର ବଜାରଠାରେ ଥିବା ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ରାମ ଧୁନ ଗାନ କରି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟ ମାନଭଞ୍ଜନ ରାଉତରାୟ, ଯୁବନେତା ବିଶ୍ୱପ୍ରକାଶ ସାମଲ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ସେକ ରିଆସତ ଅଲ୍ଲୀ, ଏକାଦଶୀ ସେଠୀ, ସଞ୍ଜୟ କୁମାର କର, ସୁଧୀର କୁମାର ଦାସ, ଶାନ୍ତନୁ କୁମାର ଜେନା, ବାଉ ଦିନ ଖାଁ, ଚାନ୍ଦ ଖାଁ, ଧର୍ମାନନ୍ଦ ବଳ, ବଟ କୃଷ୍ଣ ଦାସ, ଅଶୋକ କୁମାର ବେହେରା ଓ ଶୁଭଲକ୍ଷ୍ମୀ ଜେନା ପ୍ରମୁଖ ଯୋଗଦେଇଥିଲେ। ଯୁବନେତା ଅଶୋକ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ଦୋଷୀଙ୍କୁ ୧୦ ବର୍ଷ ଜେଲ, ଜରିମାନା

## ମରଣାନ୍ତକ ଆକ୍ରମଣ ମାମଲା

ଚଣ୍ଡିଖୋଲ,୩୧।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):

ଏକ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ଚଣ୍ଡିଖୋଲ ଅଦାଲତର ସହକାରୀ ଦୌରାଜଜ୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ୪ ଦୋଷୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ୩ ମାସ ଅଧିକ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ୨୮।୦୧।୨୦୧୭ ପୂର୍ବାହ୍ନ ୯ଟା୩୦ରେ ଧାନମଣ୍ଡଳ ଗ୍ରାମର ହୁନା ଓରଫ୍ ନୃସିଂହ ଚରଣ ନାୟକ, ସ୍ତ୍ରୀ ଶାନ୍ତିଲତା ନାୟକ, ଦୁଇ ପୁଅ ବାବୁ ଓରଫ୍ ସଂଗ୍ରାମ ନାୟକ ଓ ଲିପୁ ଓରଫ୍ ଲଲାଟ ନାୟକ ଘର ସାମ୍ନାରେ ଧାନ ବେଙ୍ଗଳା ଉଡାଉଥିଲେ। ଧାନର ଅଳିଆ ଉଡିଆସି ଏତଲାକାରୀ ସାବିତ୍ରୀ ସାହୁଙ୍କ ପାଇଖାନା ଘର ପାଖରେ ପଡୁଥିଲା। ପାଇଖାନା କାମ ଚାଲୁଥିବାରୁ ମିସ୍ତ୍ରି ଓ ମଜୁରିଆ କାମ କରିପାରୁନାହାନ୍ତି ବୋଲି ସାବିତ୍ରୀ ହୁନାଙ୍କ ପରିବାରକୁ ଜଣାଇଥିଲେ। ପରେ ହୁନାଙ୍କ ପରିବାର ସାବିତ୍ରୀଙ୍କୁ ଗାଲୁଗୁଲଜ କରିବା ସହ ମାଡ଼ ମାରିଥିଲେ। ତଳେ ପକାଇ ଶାଢି ଚିରିଦେଇଥିଲେ। ସାବିତ୍ରୀଙ୍କ ବଡ଼ପୁଅ ବଳରାମ ଏହାର ପ୍ରତିବାଦ କରିବାରୁ ହୁନାଙ୍କ ପରିବାର ତାଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ସାବିତ୍ରୀଙ୍କ ସାନପୁଅ ସୁଶାନ୍ତ ଆସିବାରୁ ତାଙ୍କୁ ମଧ ଆକ୍ରମଣ କରିଥିଲେ। ଲାଠି ମାଡ଼ରେ ବଳରାମ ଓ ଶୁସାନ୍ତଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସୁଶାନ୍ତ ବେହୋସ ହୋଇଯାଇଥିଲେ। ଏକଥା ଥାନା ଓ ଫାଣ୍ଡିରେ ଜଣାଇଲେ କିରୋସିନ ଢାଳି ଘର ଓ ପରିବାରକୁ ଜାଳି ଦେବାକୁ ଧମକ ଦେଇ ହୁନାଙ୍କ ପରିବାର ଫେରାର ହୋଇ ଯାଇଥିଲେ। ବଳରାମଙ୍କୁ ବଡ଼ଚଣା ଡାକ୍ତରଖାନା ଓ ସୁଶାନ୍ତଙ୍କୁ କଟକ ବଡ଼ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାକୁ ନେଇ ବଡ଼ଚଣା ଥାନାରେ ଏକ ମାମଲା ନମ୍ବର୧୫।୧୭ ରୁଜୁ ହୋଇଥିଲା। ଏସ୍ଆଇ ଅଜୟ କୁମାର ସ୍ୱାଇଁ ଏହାର ତଦନ୍ତ କରୁଥିଲେ। ୧୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଦୌରାଜଜ୍ ଦୋଷୀ ନୃସିଂହ ଚରଣ, ସ୍ତ୍ରୀ ଶାନ୍ତିଲତା, ପୁଅ ସଂଗ୍ରାମ ଓ ଲଲାଟଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଦେବରାଜ ବେହେରା ପରିଚାଳନା କରୁଥିଲେ।

# ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ

ବରୀ,୩୧।୧୦(ମହେନ୍ଦ୍ର ସ୍ୱାଇଁ):

ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ବରୀ ବ୍ଲକ୍ ଅଧୀନ ରାମଚନ୍ଦ୍ରପୁରସ୍ଥିତ ଯୁବ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏଥିରେ କଂଗ୍ରେସ ନେତା ଅର୍ଜୁନ ଚରଣ ରାଉତ ସଭାପତିତ୍ୱ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ମନୋଜ ଦାସ ଯୋଗଦେଇ ଇନ୍ଦିରାଙ୍କ ଜୀବନୀ ଉପରେ ମତବ୍ୟକ୍ତ କରିଥିଲେ। ନାରୀନେତ୍ରୀ କଳ୍ପନା ପଣ୍ଡା ମହିଳାଙ୍କୁ ରାଜନୀତି କ୍ଷେତ୍ରରେ କିଭଳି ଅଗ୍ରାଧିକାର ଦିଆଯାଇ ପାରିବ ସେ ନେଇ ପ୍ରଥମେ କଂଗ୍ରେସ ଉଦ୍ୟମ କରିଥିଲା ବୋଲି କହିଥିଲେ। ବରୀ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଅପୂର୍ବ ସାମଲ ଇନ୍ଦିରାଙ୍କ ରାଜନୈତିକ ଜୀବନୀ ଉପରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିର ନାୟକ, ଗିରିଜା ପ୍ରସାଦ ରାଏ, ଯନ୍ମେଜୟ ସାମଲ, ସୁବାସ ଚନ୍ଦ୍ର ସେଠୀ, ବାବୁଲି ବେହେରା, ଜିତେନ୍ଦ୍ର ନାୟକ, ମାନସ ରାଉତ, ଚକ୍ରଧର ସେଠୀ, କାଳନ୍ଦୀ ବାରିକ, ହନିମ ଚାଚା ଓ ସୁରେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ବରୀ ବ୍ଲକ୍ ଅଧୀନ ରାମଚନ୍ଦ୍ରପୁରସ୍ଥିତ ଯୁବ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ନେତା ଓ କର୍ମୀମାନେ।

# ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣାରେ ଆଉ ଜଣେ ଗିରଫ

ବ୍ରହ୍ମବରଦା,୩୧।୧୦(ଯଯାତି କେଶରୀ ବେହେରା)

ବ୍ରହ୍ମବରଦା ଥାନା ରାଏପଡ଼ା ପଞ୍ଚାୟତ ନାଳକୂଳ ଗ୍ରାମର ସର୍ବେଶ୍ୱର ନାୟକ ଓ ତାଙ୍କ ସାଙ୍ଗ ବାଙ୍କସାହି ଗ୍ରାମର ପ୍ରୀତିଶ ଲେଙ୍କାଙ୍କୁ ଲୁଟ୍ ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବରୀ ରାମଚନ୍ଦ୍ରପୁର ଥାନା ଅର୍ନ୍ତଗତ କୁଶବଟ ଗ୍ରାମର ସଞ୍ଜୀବ ପ୍ରଧାନ। ବ୍ରହ୍ମବରଦାଠାରେ ଗତ ୧୧ତାରିଖରେ ଏହି ଲୁଟ୍ ହୋଇଥିଲା। ଅଭିଯୁକ୍ତମାନେ ସର୍ବେଶ୍ୱରଙ୍କଠାରୁ ଏକ ନୂଆ ଲ୍ୟାପଟପ, ୨ ମୋବାଇଲ ଫୋନ, ଏକ ସୁନାଚେନ, ସୁନା ମୁଦି ଓ ଚାନ୍ଦି ବ୍ରାସଲୋଟ ସହ ପ୍ରତୀଶଙ୍କ ପକେଟରେ ଥିବା ୬୦ହଜାର ଟଙ୍କା ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ନମ୍ବର ୧୨୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ଗତ ୧୪ତାରିଖରେ ବ୍ରହ୍ମବରଦା ଅଞ୍ଚଳରୁ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା ବୋଲି ଥାନା ଅଧିକାରୀ ଶରତ କୁମାର ନାୟକ ସୂଚନା ଦେଇଛନ୍ତି।

# ଚାରାରୋପଣ କାର୍ଯ୍ୟକ୍ରମ

ଜେନାପୁର,୩୧।୧୦(ଅଶୋକ ଦାସ):

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁରସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିର ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଦ୍ଧେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡ ଉପଦେଷ୍ଟା ଡାକ୍ତର ପ୍ରମୋଦ କୁମାର ପାତ୍ରଙ୍କ ଉଦ୍ୟମରେ ୨୫ରୁ ଉର୍ଦ୍ଧ୍ୱ ଔଷଧୀୟ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଦୀପକ ପାତ୍ର, ସାଗର ସାମଲ, ତାପସ ରାଉତ, ସଞ୍ଜୟ ସାମଲ, ପ୍ରହଲ୍ଲାଦ କରଣ, କାର୍ତ୍ତିକ ପାତ୍ର, ପ୍ରଭାକର ରାଉତ ଓ ପ୍ରହଲ୍ଲାଦ କୁମାର ପାତ୍ର ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।



ବାବା ସିଦ୍ଧେଶ୍ୱର ମନ୍ଦିର ପରିସରରେ ଚାରାରୋପଣ କରାଯାଉଛି।

# ଦୁର୍ନୀତି ହଟାଇବା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଉଚିତ

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ଯାଜପୁରରୋଡ୍,୩୧।୧୦
(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ଜିଲା ଦୁର୍ନୀତି ନିବାରଣ ବିଭାଗ ଓ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଏନ୍‌ସିସିର ମିଳିତ ଉଦ୍ୟମରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ମଙ୍ଗଳବାର ପୂର୍ବାହ୍ନ ୯ଟାରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଡ. ସନ୍ତୋଷ କୁମାର ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ଦୁର୍ନୀତିର ମୂଳୋତ୍ପାଟନ ପାଇଁ ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ କ୍ୟାପ୍ଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ସମସ୍ତ ଅତିଥି, କଲେଜର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଏନ୍‌ସିସି କ୍ୟାଡେଟ, ଏନଏସ୍ଏସ ଓ ସମସ୍ତ ଛାତ୍ରୀଛାତ୍ରଙ୍କୁ



ବ୍ୟାସନଗର ମହାବିଦ୍ୟାଳୟ ପରିସରରେ ଶପଥ ପାଠ କରାଯାଉଛି।

ଶପଥ ପାଠ କରାଇଥିଲେ। ମୁଖ୍ୟଅତିଥି ମିଶ୍ର, ସମ୍ମାନିତ ଅତିଥି ଭିଜିଲାନ୍ସ ବିଭାଗ ଡିଏସ୍‌ପି ଶୁସିଲ ଏକ୍କା, ମହାବିଦ୍ୟାଳୟ ଅଧକ୍ଷ ଦିଲୀପ କୁମାର ମହାନ୍ତୀ ପ୍ରମୁଖ ଯୋଗଦେଇ ସମାଜରୁ ଦୁର୍ନୀତି ହଟାଇବା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଉଚିତ ବୋଲି କହିଥିଲେ। ଏହାପରେ ଏକ ବିଶାଳ ରାଲିର ଆୟୋଜନ କରାଯାଇଥିଲା। ରାଲି କଲେଜ ପରିସରରୁ ବାହାରି ଚୋରଦା ଛକ, ଦୁର୍ଗା ମଣ୍ଡପ, ଉପନିବନ୍ଧଙ୍କ କାର୍ଯ୍ୟାଳୟ ଓ ଧବଳଗିରି ଛକଦେଇ ମହାବିଦ୍ୟାଳୟରେ ପହଞ୍ଚିଥିଲା। ଦୁର୍ନୀତି ନିବାରଣ ବିଭାଗର ଏଏସ୍ଆଇ ଶ୍ରୀକାନ୍ତ କୁମାର ନାୟକ, ଇନ୍ସପେକ୍ଟର ସୁଲୋଚନା ନାୟକ, ଡିଏସ୍‌ପି ଏକ୍କା, ଯାଜପୁର ରୋଡ ଆଦର୍ଶ ଥାନା ଏସ୍ଆଇ ସଂଯୁକ୍ତା ବେହେରା, ହାବିଲଦାର ବିଦ୍ୟାଧର ସେଠୀ, କଲେଜର ଏନ୍ଏସ୍ଏସ ଅଫିସର ବିଷ୍ଣୁଚରଣ ବରୁଡ଼ି, ରଞ୍ଜନ କୁମାର ମଲ୍ଲିକ, ତନ୍ମୟ କୁମାର ପୃଷ୍ଟି, ପ୍ରୀତି ପଟ୍ଟନାୟକ, ଡ. ଚିରସ୍ମିତା ମିଶ୍ର, ଡ. ଶଶିକାନ୍ତ ଲେଙ୍କା, ଡେମନଷ୍ଟ୍ରେଟର ସୁରେନ୍ଦ୍ର କୁମାର ସାହୁ, ୱାଇଆର୍‌ସି ଅଫିସର୍ ଡ. ପ୍ରିୟରଞ୍ଜନ ବେହେରା ପ୍ରମୁଖ ରାଲିକୁ ପରିଚାଳନା କରିଥିଲେ। ରାଲିରେ ୧୫୦ ଏନ୍‌ସିସି କ୍ୟାଡେଟ, ୫୦ ଏନ୍ଏସ୍ଏସ୍ ଓ ୱାଇଆର୍‌ସି ଭଲ୍ୟୁଣ୍ଟର ଏବଂ ୨୦୦ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୧ ନଭେମ୍ବର, ୨୦୨୩



## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଜବତ

**ରଘୁନାଥପୁର,୩୧।୧୦(ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ବ୍ଲକ କିଶନନଗର ଥାନା ଉତ୍ତରକୁଳ ପଞ୍ଚାୟତ ମାହାଳହାଟସ୍ଥିତ ନଦୀପଠାରୁ ପୋଲିସ ଏକ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ଏ ସମ୍ପର୍କରେ ଥାନାରେ ଅପମୃତ୍ୟୁ ମାମଲା (ନଂ. ୧୯/୨୩) ରୁଜୁ କରାଯାଇ ତଦନ୍ତ କରାଯାଉଛି ବୋଲି ଆଇଆଇସି ରଶ୍ମିରଞ୍ଜନ ଦାସ ପ୍ରକାଶ କରିଛନ୍ତି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଲୋକେ ମହାନଦୀ ପଠାକୁ ଛେଳି ଚରାଇବାକୁ ଗଲାବେଳେ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଦେଖି ନିକଟସ୍ଥ ବିଟହାଉସକୁ ଖବରଦେଇଥିଲେ। ଏହାପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

**ରସୁଲପୁର,୩୧।୧୦(ରଞ୍ଜିତ ରାଉତ)**

କୁଆଖିଆ ଥାନା ପ୍ରଥମାଖଣ୍ଡି ପଞ୍ଚାୟତର ମହିଳା ଗାୟତ୍ରୀ ସାମଲ(୨୨)ଙ୍କୁ ରବିବାର ରାତିରେ ହତ୍ୟା ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ତାଙ୍କ ସ୍ୱାମୀ ବିଭୁତି ସାମଲଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି।

ବିଭୂତି ଗାଁ ନିକଟରେ ଜଣେ ଠିକାଦାରଙ୍କ ଷ୍ଟକୟାର୍ଡରେ କାର୍ଯ୍ୟ କରନ୍ତି। ରବିବାର ରାତିରେ ସେ ଭୋଜି ଖାଇ ଘରକୁ ଫେରିଥିଲେ। କବାଟ ବାଡେଇ ଡାକିବାରୁ ସ୍ତ୍ରୀଙ୍କ ବଦଳରେ ତାଙ୍କ ମା' କବାଟ ଖୋଲିଥିଲେ। ଏହାକୁ ନେଇ ଦମ୍ପତିଙ୍କ ମଧ୍ୟରେ ବଚସା ହୋଇଥିଲା। ଷ୍ଟକ ୟାର୍ଡ ନିକଟରେ କାମ କରୁଥିବା ଜଣେ ଯୁବତୀଙ୍କ ସହ ସ୍ୱାମୀଙ୍କ ଅନୈତିକ ସଂପର୍କ ରହିଛି ବୋଲି ଗାୟତ୍ରୀ କହିଥିଲେ। ଫଳରେ ଏହାକୁ ନେଇ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ସ୍ତ୍ରୀଙ୍କ ବ୍ୟବହାରରେ ସ୍ୱାମୀ ରାଗି ଯାଇ ତାଙ୍କୁ ମାଡ଼ ମାରିବାରୁ ସେ ଅଚେତ ଅବସ୍ଥାରେ ତଳେ ପଡିଯାଇଥିଲେ। ପରେ ସେ ମରି ଯାଇଥିବା ସନ୍ଦେହ କରି ବିଭୂତି ଗାୟତ୍ରୀଙ୍କୁ ଘର ପାଖ ପୋଖରୀ ମଧ୍ୟକୁ ଫିଙ୍ଗି ଦେଇଥିଲେ। ପୋଖରୀ ଦଳଯୁକ୍ତ ହୋଇଥିବାରୁ ମହିଳା ଜଣକ ଏକ ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚି ଯାଇଥିଲେ। ପରେ ବିଭୁତି ତାଙ୍କ ଶ୍ୱଶୁର ଘର (ସେହି ଗ୍ରାମରେ)ଲୋକଙ୍କୁ ତାଙ୍କ ଝିଅ ରାଗି ଘରୁ କୁଆଡେ ପଳାଇଯାଇଛି ବୋଲି ଜଣାଇଥିଲେ। ପରିବାର ଲୋକେ ଝିଅକୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି କୌଣସି ସ୍ଥାନରେ ଠାବ କରିବାରେ ବିଫଳ ହୋଇଥିଲେ। ସୋମବାର ମହିଳା ଜଣକ ଚେତାଶୂନ୍ୟ ଅବସ୍ଥାରେ ପୋଖରୀ ଦଳରେ ପଡିଥିବା ଲୋକେ ଦେଖିବାକୁ ପାଇଥିଲେ। ଏହାଜାଣି ଝିଅଘର ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା କରାଇଥିଲେ। ଚେତା ଫେରିବାରୁ ଗାୟତ୍ରୀ ପୂର୍ବଦିନ ରାତିରେ ଘଟିଥିବା ଘଟଣା ସଂପର୍କରେ ବଖାଣିବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବିଭୁତି ୫ବର୍ଷ ତଳେ ଘର ପାଖ ଝିଅ ଗାୟତ୍ରୀଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ଅଛନ୍ତି।

**ଅଲିଭ ରିଡ୍‌ଲେ କଇଁଛଙ୍କ ଆଗମନ ସମୟ**

# ସମୁଦ୍ରରେ ୭ ମାସ କଟକଣା



କଟକଣା ପରେ ପାରାଦୀପ ମାଛଧରା ବନ୍ଦରରେ ଟ୍ରଲର ଓ ଡଙ୍ଗା ରହିଛି।

**ପାରାଦୀପ, ୩୧।୧୦(ଶରତ ରାଉତ)**

ଓଡ଼ିଶାର ୪୮୦ କିମି ପୂର୍ବ ଉପକୂଳରେ ବୁଧବାରଠାରୁ ୭ ମାସ ସାମୁଦ୍ରିକ କଟକଣା ଜାରି କରାଯାଇଛି। ବିଶେଷକରି ଧାମରା, ଋଷିକୁଲ୍ୟା ଓ ଦେବୀନଦୀ ମୁହାଣଠାରୁ ସମୁଦ୍ରର ୨୦ କିମି ସୀମା ମଧ୍ୟରେ ମାଛଧରା ବୋଟ, ଡଙ୍ଗା, ଚଳାଚଳ ଉପରେ ଅଙ୍କୁଶ ଲଗାଯାଇଛି। ଏ ନେଇ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ କଟକ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି (୩୧୪୬) ଜାରି କରାଯାଇଛି। ଏହି କଟକଣା ନଭେମ୍ବର ୧ ରୁ ୨୦୨୪ ମେ ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଉକ୍ତ କଟକଣା କେବଳ ବିରଳ ଅଲିଭ ରିଡ଼ଲେ କଇଁଛଙ୍କ ମିଳନ ଓ ଅଣ୍ଡାଦାନ ପାଇଁ ଲାଗୁ କରାଯାଇଛି ବୋଲି ଦର୍ଶାଯାଇଛି। ଉକ୍ତ ନିୟମକୁ ପାଳନ କରିବା ପାଇଁ ସାମୁଦ୍ରିକ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ଯୋଗେ ସମସ୍ତ ମତ୍ସ୍ୟଜୀବୀଙ୍କୁ ଅବଗତ କରାଯାଇଛି ବୋଲି ମତ୍ସ୍ୟ ଅଧିକାରୀ ବିଜୟ କର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଏହି କଟକଣା ସମୟରେ ଅଧିକାଂଶ ମାଛଧରା ବୋଟଗୁଡ଼ିକ ସାମୁଦ୍ରିକ ନିଷିଦ୍ଧାଞ୍ଚଳ ଭିତରକୁ ପଶି ଯାଇଥାନ୍ତି। ସେତେବେଳେ ରାଜନଗର ବନଖଣ୍ଡ ପକ୍ଷରୁ ଚଢ଼ାଉ କରାଯାଇ ଗିରଫ କରାଯାଏ। ଏ ନେଇ ୨୦୧୪ରୁ ବିବାଦ ଲାଗି ରହିଛି। କାରଣ ଅଧିକାଂଶ ମତ୍ସ୍ୟଜୀବୀ ସମୁଦ୍ରରେ କେତେକ କାରଣ ପାଇଁ କଟକଣା ଅଞ୍ଚଳରେ ପଶିଯାଇଥାନ୍ତି ବୋଲି ଟ୍ରଲର ମାଲିକ ତଥା ଓମ୍ଫା ସମ୍ପାଦକ ଅରବିନ୍ଦ ସ୍ୱାଇଁ କୁହନ୍ତି। ବାତ୍ୟା କିମ୍ବା ସମୁଦ୍ର ଅଶାନ୍ତ ରହିଲେ ବୋଟଗୁଡ଼ିକ ସୁରକ୍ଷା ପାଇଁ ମୁହାଣ ଦେଇ କୂଳକୁ ଆସିଥାନ୍ତି। ସେତେବେଳେ ତାଙ୍କୁ ଗିରଫ କରାଯାଉଛି। ଏପରି ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି। କୌଣସି ମତ୍ସ୍ୟଜୀବୀ ଅଲିଭ ରିଡ଼ଲେ କଇଁଛ ଧରନ୍ତି ନାହିଁ କିମ୍ବା ତାଙ୍କୁ ଆଘାତ ଦିଅନ୍ତି ନାହିଁ। କାରଣ ଏଥିରେ ମତ୍ସ୍ୟଜୀବୀଙ୍କ ଧାର୍ମିକ ଭାବନା ଜଡ଼ିତ ରହିଛି ବୋଲି ସ୍ୱାଇଁ ପ୍ରକାଶ କରିଛନ୍ତି।

# ସଂହତି, ମୈତ୍ରୀ ହେଉଛି ଆମର ପରିଚୟ

**ବନ୍ଦରରେ ରାଷ୍ଟ୍ରୀୟ ଏକତା ଦିବସ**



ଏକତା ଦିବସରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଉଦ୍‌ବୋଧନ ଦେଉଛନ୍ତି।

**ପାରାଦୀପ,୩୧।୧୦(ଶରତ ରାଉତ)**

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ଛୋଟ ମାରାଥନ ଆୟୋଜିତ ହୋଇଥିଲା। ଏହାକୁ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଉଦ୍‌ଘାଟନ କରିଥିଲେ। ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଦେଶରେ ଏଭଳି ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଉଛି। ଦେଶରେ ସଂହତି ମୈତ୍ରୀ ବଜାୟ ହେଉଛି ଆମର ପରିଚୟ। ଏହାକୁ ବଜାୟ ରଖିବା ବଲ୍ଲଭଭାଇଙ୍କ ଲକ୍ଷ୍ୟ ଥିଲା। ଏବେବି ଉକ୍ତ କଥାର ପ୍ରାସଙ୍ଗିକତା ରହିଛି ବୋଲି ଅଧ୍ୟକ୍ଷ ହାରାନ୍ଧ କହିଥିଲେ। ଏଥିରେ ସିଆଇଏସ୍‌ଏଫ, ବନ୍ଦର କର୍ମଚାରୀ, ଶ୍ରମିକ ଓ ଅନ୍ୟ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ ଭାଗ ନେଇଥିଲେ।

# ପାରାଦୀପ ରିଫାଇନେରିରେ ଏକତା, ସୁରକ୍ଷା ଦିବସ ପାଳିତ

**ପାରାଦୀପ,୩୧।୧୦(ଶରତ ରାଉତ)**



ଇଣ୍ଡିଆନ ଅଏଲ ପକ୍ଷରୁ ସୁରକ୍ଷା ଓ ନିରାପତ୍ତା ନିୟମ ପାଳନ ପାଇଁ ଶପଥପାଠ କରାଯାଉଛି।

ପାରାଦୀପ ରିଫାଇନେରି ପକ୍ଷରୁ ମଙ୍ଗଳବାର ୨ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମ ପ୍ରଶାସନିକ ଭବନରେ ଆୟୋଜିତ ହୋଇଥିଲା। ଏଥିରେ ନିର୍ବାହୀ ନିର୍ଦ୍ଦେଶକ କୌଶିକ ବାସୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଷ୍ଟ୍ରୀୟ ଏକତା ଦିବସ ସମ୍ପର୍କରେ କହିଥିଲେ। ସେହିପରି ଇଣ୍ଡିଆନ ଅଏଲ ପକ୍ଷରୁ ସୁରକ୍ଷା ଦିବସ ପାଳନ କରାଯାଇଥିଲା। ପ୍ରକଳ୍ପ ପରିସରରେ କାମ କରୁଥିବାବେଳେ ସମସ୍ତେ ନିଜର ସୁରକ୍ଷା ଓ ନିରାପତ୍ତା ନିୟମ ପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି ନିର୍ବାହୀ ନିର୍ଦ୍ଦେଶକ କୌଶିକ କହିଥିଲେ। ଏଥିସହ ୨୦୦୯ ଅକ୍ଟୋବର ୨୯ରେ ଜୟପୁର ଟର୍ମିନାଲ ଦୁର୍ଘଟଣାରେ ମୃତାହତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

# କୋଷ୍ଟଗାର୍ଡର ୨ ଦିନିଆ ସାମୁଦ୍ରିକ ଯାଞ୍ଚ



କୋଷ୍ଟଗାର୍ଡ ପକ୍ଷରୁ ସମୁଦ୍ରରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି।

**ପାରାଦୀପ,୩୧।୧୦(ଶରତ ରାଉତ)**

କୋଷ୍ଟଗାର୍ଡ ଓଡ଼ିଶା ମୁଖ୍ୟାଳୟ ପାରାଦୀପ ପକ୍ଷରୁ ସୋମବାରଠାରୁ ଆରମ୍ଭ ହୋଇଥିବା ୨ ଦିନିଆ ଯାଞ୍ଚ ଓ ସମୀକ୍ଷା ମଙ୍ଗଳବାର ସନ୍ଧ୍ୟାରେ ଶେଷ ହୋଇଛି। ଏଥିରେ ଓଡ଼ିଶା ଓ ପଶ୍ଚିମବଙ୍ଗର ଏକାଧିକ ସରକାରୀ ଏଜେନ୍ସି ଭାଗ ନେଇଥିଲେ। ସମୁଦ୍ରରେ ଆତଙ୍କବାଦୀ କାର୍ଯ୍ୟକଳାପଠାରୁ ଆରମ୍ଭ କରି ପ୍ରାକୃତିକ ବିପର୍ଯ୍ୟୟ, ସୁରକ୍ଷା ନିରାପତ୍ତା ଆଦି ଉପରେ ଆଲୋଚନା ଓ ପରୀକ୍ଷଣ କରାଯାଇଥିଲା। ଏଥିରେ ଭାରତୀୟ ନୌସେନା, ମେଜରପୋର୍ଟ, ରାଜ୍ୟ ସରକାର, ଜିଲା ପ୍ରଶାସନ, କଷ୍ଟମ୍ସ, ମେରାଇନ ପୋଲିସ, ଓଡ଼ିଶା ପୋଲିସ, ସିଆଇଏସ୍‌ଏଫ, ମତ୍ସ୍ୟବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। କୌଣସି ଅଘଟଣ କିମ୍ବା ସର୍ଚ୍ଚ ଅପରେଶନ ବେଳେ କିପରି ସମନ୍ୱୟ ରକ୍ଷା କରି କାମ କରିହେବ ସେ ସମ୍ପର୍କରେ ଏହି ଅବସରରେ ଆଲୋଚନା ହୋଇଥିଲା। କୋଷ୍ଟଗାର୍ଡ ଡିଆଇଜି ୱାଇ. କେ. ସିଂହ, ଅନ୍ୟ ଅଧିକାରୀମାନେ ସମୁଦ୍ର ଓ ତଟ ସୁରକ୍ଷା ଉପରେ ବିସ୍ତୃତ ଭାବେ ବୁଝାଇ ଥିଲେ।

# ରାଷ୍ଟ୍ର ଏକତାରେ ସର୍ଦ୍ଦାର ବଲ୍ଲଭଭାଇଙ୍କ ଅବଦାନ ଅତୁଳନୀୟ

**ଅଳକା ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ**

**ବିରିଡି, ୩୧।୧୦(ପ୍ରଶାନ୍ତ କୁମାର ରାଉତ)**

ବିରିଡି ବ୍ଲକ ଅନ୍ତର୍ଗତ ଅଳକା ମହାବିଦ୍ୟାଳୟ, ଅନନ୍ତବଟରେ ମଙ୍ଗଳବାର ରାଷ୍ଟ୍ରୀୟ ଏକତାଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ସେବା ସଂସ୍ଥା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରୁଦ୍ରନାରାଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ. ଅକ୍ଷୟ କୁମାର ଭଦ୍ର, ଅକ୍ଷୟ ବେହେରା, ଇଜାବେଲା ଶତପଥୀ, ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇ ସଂଯୋଜନା କରିଥିଲେ। ରାଜନୀତି ବିଜ୍ଞାନ ମୁଖ୍ୟ ପ୍ରାଧ୍ୟାପକ ଡ. ରୁଦ୍ରନାରାୟଣ ମିଶ୍ର ଯୋଗଦେଇ ରାଷ୍ଟ୍ର ଏକତାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ଶପଥ ପାଠ କରାଯାଇଥିଲା। ଶେଷରେ ଅଧ୍ୟାପିକା ଇଜାବେଲା ଧନ୍ୟବାଦ ଦେଇଥିଲେ ।

### ଲୁଟ୍ ଘଟଣାରେ ଜଣେ ଗିରଫ

**ବ୍ରହ୍ମବରଦା,୩୧।୧୦(ଯଯାତି କେଶରୀ ବେହେରା):** ବ୍ରହ୍ମବରଦା ଥାନା ରାଏପଡ଼ା ପଞ୍ଚାୟତ ନାଳକୂଳ ଗ୍ରାମର ସର୍ବେଶ୍ୱର ନାୟକ ଓ ତାଙ୍କ ସାଙ୍ଗ ବାଙ୍କସାହି ଗ୍ରାମର ପ୍ରୀତିଶ ଲେଙ୍କାଙ୍କୁ ଲୁଟ୍ ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବରୀ ରାମଚନ୍ଦ୍ରପୁର ଥାନା ଅର୍ନ୍ତଗତ କୁଶବଟ ଗ୍ରାମର ସଞ୍ଜୀବ ପ୍ରଧାନ। ବ୍ରହ୍ମବରଦାଠାରେ ଗତ ୧୧ତାରିଖରେ ଏହି ଲୁଟ୍ ହୋଇଥିଲା।

# ପିପିଏଲ୍ ଡିଏଭି ସ୍କୁଲରେ ସ୍ୱଚ୍ଛତା ଫ୍ରିଡମ୍ କାର୍ଯ୍ୟକ୍ରମ




**ପାରାଦୀପ,୩୧।୧୦(ଶରତ ରାଉତ)**

ପାରାଦୀପସ୍ଥିତ ପିପିଏଲ୍ ପରିସରରେ ଥିବା ଡିଏଭି ସ୍କୁଲ ପରିସରରେ ଫିଟ ଇଣ୍ଡିଆ ସ୍ୱଚ୍ଛତା ଫ୍ରିଡମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ଓ ସଂଯୋଜକ ବୃନ୍ଦାବନ ରାଉତ ଯୋଗଦେଇ ପିଲାମାନଙ୍କୁ ସ୍ୱଚ୍ଛତା ସମ୍ପର୍କରେ ପରାମର୍ଶ ଦେଇଥିଲେ। ସ୍ୱଚ୍ଛତା ରହିଲେ ଶରୀର ସୁସ୍ଥ ରହିବ। ଶରୀର ସୁସ୍ଥ ରହିଲେ ଫିଟ ରହିବ ବୋଲି ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ଶାଶ୍ୱତୀ ଭାରତୀୟ ଓ ଅନ୍ୟମାନେ ପରିଚାଳନା କରିଥିଲେ।

**ମରଣାନ୍ତକ ଆକ୍ରମଣ ମାମଲା**

# ୪ ଦୋଷୀଙ୍କୁ ୧୦ ବର୍ଷ ଜେଲ, ଜରିମାନା

**ଚଣ୍ଡିଖୋଲ,୩୧।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):** ଏକ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ଚଣ୍ଡିଖୋଲ ଅଦାଲତର ସହକାରୀ ଦୌରାଜଜ୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ୪ ଦୋଷୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ୩ ମାସ ଅଧିକ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ୨୮।୦୧।୨୦୧୭ ପୂର୍ବାହ୍ନ ୯ଟା୩୦ରେ ଧାନମଣ୍ଡଳ ଗ୍ରାମର ହୁନା ଓରଫ୍ ନୃସିଂହ ଚରଣ ନାୟକ, ସ୍ତ୍ରୀ ଶାନ୍ତିଲତା ନାୟକ, ଦୁଇ ପୁଅ ବାବୁ ଓରଫ୍ ସଂଗ୍ରାମ ନାୟକ ଓ ଲିପୁ ଓରଫ୍ ଲଲାଟ ନାୟକ ଘର ସାମ୍ନାରେ ଧାନ ବେଙ୍ଗଳା ଉଡାଉଥିଲେ। ଧାନର ଅଳିଆ ଉଡିଆସି ଏତଲାକାରୀ ସାବିତ୍ରୀ ସାହୁଙ୍କ ପାଇଖାନା ଘର ପାଖରେ ପଡୁଥିଲା। ପାଇଖାନା କାମ ଚାଲୁଥିବାରୁ ମିସ୍ତ୍ରି ଓ ମଜୁରିଆ କାମ କରିପାରୁନାହାନ୍ତି ବୋଲି ସାବିତ୍ରୀ ହୁନାଙ୍କ ପରିବାରକୁ ଜଣାଇଥିଲେ। ପରେ ହୁନାଙ୍କ ପରିବାର ସାବିତ୍ରୀଙ୍କୁ ଗାଲୁଗୁଲଜ କରିବା ସହ ମାଡ଼ ମାରିଥିଲେ। ତଳେ ପକାଇ ଶାଢି ଚିରିଦେଇଥିଲେ। ସାବିତ୍ରୀଙ୍କ ବଡ଼ପୁଅ ବଳରାମ ଏହାର ପ୍ରତିବାଦ କରିବାରୁ ହୁନାଙ୍କ ପରିବାର ତାଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ସାବିତ୍ରୀଙ୍କ ସାନପୁଅ ସୁଶାନ୍ତ ଆସିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଲାଠି ମାଡ଼ରେ ବଳରାମ ଓ ଶୁସାନ୍ତଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସୁଶାନ୍ତ ବେହୋସ ହୋଇଯାଇଥିଲେ। ଏକଥା ଥାନା ଓ ଫାଣ୍ଡିରେ ଜଣାଇଲେ କିରୋସିନ ଢାଳି ଘର ଓ ପରିବାରକୁ ଜାଳି ଦେବାକୁ ଧମକ ଦେଇ ହୁନାଙ୍କ ପରିବାର ଫେରାର ହୋଇ ଯାଇଥିଲେ।

# ମଣ୍ଡଳସ୍ତରୀୟ ଆଥ୍‌ଲେଟିକ ପ୍ରତିଯୋଗିତା

**କୁଜଙ୍ଗ,୩୧।୧୦ (ମନୋଜ ପ୍ରଧାନ)**

ମଙ୍ଗଳବାର ଦିନ କୁଜଙ୍ଗ ମଣ୍ଡଳସ୍ତରୀୟ ଆଥ୍‌ଲେଟିକ ପ୍ରତିଯୋଗିତା ପଙ୍କପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୌଡକୁଦ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଗୋଲା ଫିଙ୍ଗା, ଜାଭେଲିନ ଫିଙ୍ଗା ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ୧୨୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିରୁ ୨୦ ଜଣ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। ପଙ୍କପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ମଣ୍ଡଳ ଶିକ୍ଷାଧିକାରୀ ପବିତ୍ର କୁମାର କର ଯୋଗ ଦେଇ କହିଥିଲେ, ପାଠପଢ଼ାରେ କ୍ରୀଡ଼ା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଖେଳ କୁଦ ଦ୍ୱାରା କ୍ରୀଡ଼ାବିତମାନଙ୍କର ଶାରିରୀକ ଓ ମାନସିକ ସୁସ୍ଥତା ଆସିଥାଏ । ଏନେଇ ପାଠପଢ଼ା ସହ କ୍ରୀଡ଼ାକୁ ଗୁରୁତ୍ୱ ଦେବାକୁ ସେ ଉପସ୍ଥିତ ପ୍ରତିଯୋଗୀମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ ଯୋଗଦେଇ କୁଜଙ୍ଗ ବ୍ଲକକୁ କ୍ରୀଡା କ୍ଷେତ୍ରରେ ଅଗ୍ରଗାମୀ କରାଇବାକୁ ପରାମର୍ଶ ଦେଇଥିଲେ । ସଭା ପ୍ରାରମ୍ଭରେ କ୍ରୀଡା ଶିକ୍ଷକ ରମାକାନ୍ତ ଖଣ୍ଡୁଆଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । କୁଜଙ୍ଗ ମଣ୍ଡଳ କ୍ରୀଡା ସମ୍ପାଦକ ରଶ୍ମିକାନ୍ତ ଦାସ ସଭା ପରିଚାଳନା କରିଥିଲେ। ବରିଷ୍ଠ କ୍ରିଡ଼ା ଶିକ୍ଷକ କାଳନ୍ଦୀ ଚରଣ ନାଥ, ଶ୍ରୀୟାଶ୍ରୀ ମିଶ୍ର, ଲୋପାମୁଦ୍ରା ରାଉତ, ଦିନବନ୍ଧୁ ନାୟକ, ସନ୍ଧ୍ୟାରାଣୀ ସାହୁ ଉକ୍ତ ଆଥ୍‌ଲେଟିକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣେ ସୁରଭି

**ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ**

**ବିରିଡ଼ି, ୩୧।୧୦(ପ୍ରଶାନ୍ତ କୁମାର ରାଉତ)**



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ବିରିଡ଼ି ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଯଶୋବନ୍ତ ବିଦ୍ୟାପୀଠ ନାଇଲୋଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଢ଼ଙ୍ଗଗଡ ସରପଞ୍ଚ ଲକ୍ଷ୍ମୀପ୍ରିୟା ମାଝି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷାଧିକାରୀ ସୌଦାମିନୀ ମହାପାତ୍ର ସଭାପତିତ୍ୱ କରିଥିଲେ। ବୈଠକରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ରେଣୁବାଳା ନନ୍ଦ, ରଞ୍ଜନ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବ୍ଲକର ମୋଟ ୧୨୩ ଜଣ ଛାତ୍ରୀଛାତ୍ର ଯୋଗଦେଇ ବିତର୍କ, କୁଇଜ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ହସ୍ତାକ୍ଷର ପ୍ରତିଯୋଗିତାରେ ଭାଗନେଇଥିଲେ।

ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମିଲେଟ ଆୟୋଜନ କରାଯାଇ ପ୍ରବନ୍ଧ, କୁଇଜ ଓ ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇଥିଲା । ସେହିପରି ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ସଙ୍ଗୀତ ଡ୍ରଇଁ, କ୍ରାଫ୍ଟ ପ୍ରତିଯୋଗିତା ହୋଇଥିଲା। ଏଥିରେ ଜିଲାସ୍ତରକୁ ଯିବାପାଇଁ ୨୯ଜଣ ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ସୌଦାମିନୀ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ମୁଖ୍ୟ ବକ୍ତାଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ପାତ୍ର, ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଦେବୀ ପ୍ରସାଦ ତ୍ରିପାଠୀ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ଯଶୋବନ୍ତ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ମାନସୀ ଦାସ, ସଭ୍ୟ ଚନ୍ଦ୍ର ଶେଖର ଦାଶ, ଅତିରିକ୍ତ ଶିକ୍ଷାଧିକାରୀ ରେଣୁକା ନନ୍ଦ, ପ୍ରକାଶ ଚନ୍ଦ୍ର ଦାଶ, ସାମାଜିକ କର୍ମୀ ନୃସିଂହ କୁମାର ଦାଶ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲୁକ୍କାୟତ ଥିବା ପ୍ରତିଭାକୁ ସୁରଭି ମାଧ୍ୟମରେ ଲୋକଲୋଚନକୁ ଆସିପାରୁଛି ବୋଲି କହିଥିଲେ। ଏନେଇ ସେ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଦେବା ସହ ପ୍ରମାଣପତ୍ର ବଣ୍ଟନ କରିଥିଲେ । ଶେଷରେ ଶିକ୍ଷକ ସୁରେଶ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ଜୟ ଜଗନ୍ନାଥ ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ

ଫିରିଙ୍ଗିଆ, ୩୧।୧୦(ବିକ୍ରମ ଦିଗାଲ)

ଫିରିଙ୍ଗିଆ ସହରରେ ଥିବା ଜୟ ଜଗନ୍ନାଥ ବଣିକ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ପୂର୍ବତନ ସଭାପତି ରାଜକିଶୋର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ସମ୍ପାଦକ ବାଳକୃଷ୍ଣ କୁଣ୍ଡିଙ୍କ ସମେତ ଫିରିଙ୍ଗିଆର ସମସ୍ତ ବ୍ୟାବସାୟୀ ଉପସ୍ଥିତ ଥିଲେ। ଏଥିରେ ବଣିକ ସଂଘର ବିଭିନ୍ନ ବିଷୟ ଆଲୋଚନା କରଯାଇଥିଲା। ଏବଂ ମାସର ଶେଷ ରବିବାର ସମସ୍ତ ଦୋକାନବଜାର ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ଖିଲାପ କଲେ ଆର୍ଥିକ ଦଣ୍ଡର ବ୍ୟବସ୍ଥା କରାଯାଇଥିଲା। ପରେ ସମସ୍ତ କର୍ମକର୍ତ୍ତାଙ୍କ ନିଷ୍ପତ୍ତି କ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ଶିବଶଙ୍କର ମହାପାତ୍ର, ଉପ ସଭାପତି ବେଣୁଧର ମୁଖୀ, ସମ୍ପାଦକ ବିଭୁଦତ୍ତ ମୁଖୀ, ସହ ସମ୍ପାଦକ ବିଜୟ କୁମାର ସାହୁ, କୋଷାଧକ୍ଷ ଅନନ୍ତ କୁମାର ଜାଲ, ଉପଦେଷ୍ଟା ଭାବେ ରାଜକିଶୋର ସାହୁ , ସୀମାଞ୍ଚଳ ପଣ୍ଡା, ବାଲ୍ମୀକି ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଥିଲା

### ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ

ଛତ୍ରପୁର, ୩୧।୧୦ (ଦିଲୀପ ସାମଲ):

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ମଙ୍ଗଳବାର ଛତ୍ରପୁର କଂଗ୍ରେସ କମିଟି ପକ୍ଷରୁ ପାଳନ କରାଯାଇଛି । ସ୍ଥାନୀୟ ଉପର ବସଷ୍ଟାଣ୍ଡଠାରେ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ରାଜ୍ୟ ଅନୁସୂଚିତ ଜାତି ସେଲ ସଂଯୋଜକ ଭାଗିରଥି ବେହେରା, ବରିଷ୍ଠ କଂଗ୍ରେସ ନେତା ଅଶୋକ ପଟ୍ଟନାୟକ, ଯୁବ ନେତା ଶିବ ପ୍ରସାଦ ବେହେରା (ବଳିଆ), ବ୍ରହ୍ମପୁର ଲୋକସଭା ଯୁବ କଂଗ୍ରେସ ମିଡ଼ିଆ ସଂଯୋଜକ ମହେଶ କୁମାର ଗୌଡ଼, ଛାତ୍ର କଂଗେସ ସଭାପତି ଚକ୍ରପାଣି ପଲାଇ, ଆଇନଜୀବୀ ବାବୁ ନାହାକ, ମୋହନ ବେହେରା, ଭବାନୀ ବେହେରା ଓ କୁନି ନାୟକଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ପୁଷ୍ପମାଲ୍ୟାର୍ପଣ କରି ସ୍ମୃତି ଚାରଣ କରିଥିଲେ ।

### ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଶପଥ ପାଠ

ଛତ୍ରପୁର, ୩୧।୧୦ (ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ): ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ନିମନ୍ତେ ମଙ୍ଗଳବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଶପଥ ଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ ସମସ୍ତ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଦେବବ୍ରତ ସାହୁ, ସଂସ୍ଥାପନା ଅଧିକାରୀ, ଡେପୁଟି କଲେକ୍ଟର (ଜିଆଣ୍ଡଏମ), ଡେପୁଟି କଲେକ୍ଟର (ଜରୁରୀକାଳୀନ), ଡେପୁଟି କଲେକ୍ଟର (ରାଜସ୍ୱ) ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୌଳିକ ବୃତ୍ତି ସହ ଜୀବିକା ହରାଉଛନ୍ତି କୁମ୍ଭାର ପରିବାର

ଛତ୍ରପୁର,୩୧।୧୦(ସନ୍ତୋଷ ପାଢ଼ୀ):

ଦିନକୁ ଦିନ କୁମ୍ଭାର ପରିବାର ନିଜର କୌଳିକ ବୃତ୍ତି ସହ ଜୀବିକା ହରାଉଥିବା ଦେଖିବାକୁ ମିଳୁଛି। ଗଞ୍ଜାମ ଜିଲା ଛତ୍ରପୁର ବ୍ଲକର ଗଙ୍ଗାପୁର ଗ୍ରାମରେ ୨୦୦ରୁ ଊର୍ଦ୍ଧ୍ୱ ପରିବାରର କୌଳିକ ବୃତ୍ତି ମାଟି ପାତ୍ର ତିଆରି କରିବା। ଏହା ବିକ୍ରି କରି ପରିବାର ଚଳାନ୍ତି। କାଳକ୍ରମେ ପ୍ରାୟ ପରିବାର ଧିରେଧିରେ କୌଳିକ ବୃତ୍ତିରୁ ଦୂରେଇ ଯାଇ ବାହାର ରାଜ୍ୟକୁ ଦାଦାନ ପାଇଁ ଯାଉଛନ୍ତି। ଏବେ କେବଳ ପ୍ରାୟ ୪୦ ପରିବାର ଏହି ବୃତ୍ତି କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ନିଜ ପିଲାମାନଙ୍କର ଭବିଷ୍ୟତକୁ ନେଇ ସେମାନେ ଚିନ୍ତାରେ ଅଛନ୍ତି। ଏଥିମଧ୍ୟରେ ୧୯୯୧ରେ କୁମ୍ଭାରମାନଙ୍କ ସାମଗ୍ରୀ ତିଆରି ପାଇଁ


ଜୀବିକା ହରାଇଥିବା କୁମ୍ଭାର ପରିବାର।

ଏକ କୁମ୍ଭାରଶାଳ ବା ମାଟି ହାଣ୍ଡି ତିଆରି ଶାଳ ହୋଇଥିଲା । ପରେ ୧୯୯୯ ମହାବାତ୍ୟା, ପରେ ଫାଇଲିନ, ହୁଡ୍‌ହୁଡ୍ ଭଳି ବାତ୍ୟାରେ କୁମ୍ଭାରଶାଳ ଭାଙ୍ଗିଯାଇଛି । ଏଣୁ କୁମ୍ଭାରମାନଙ୍କୁ ସାମଗ୍ରୀ ତିଆରି କରିବା ଓ ସେଗୁଡ଼ିକ ରକ୍ଷଣାବେକ୍ଷଣ କରିବା ପାଇଁ ସ୍ଥାନ ନଥିବାରୁ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଯଦି ସରକାର ଉତ୍ସାହିତ କରି ଏମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରନ୍ତି ତେବେ ଏହି କୌଳିକ ବୃତ୍ତିରୁ ମୁହଁ ଫେରାଇଥିବା ପରିବାର ପୁଣି ଏହି ବୃତ୍ତିକୁ ଆପଣାଇବେ ଏବଂ ଏହି କୌଳିକ ବୃତ୍ତି ଜୀବିତ ରହିବ ବୋଲି କୁମ୍ଭାର ପରିବାରମାନେ କହିଛନ୍ତି। ସୂଚନାଯୋଗ୍ୟ, ଯେକୌଣସି ଶୁଭ କାର୍ଯ୍ୟ ବିବାହ, ବ୍ରତ, ପ୍ରତିଷ୍ଠା, ହୋମ ଯଜ୍ଞ ଆଦିରେ ମାଟିରେ ନିର୍ମିତ ଦୀପ, ସରା ଓ କଳସ ବ୍ୟବହୃତ ହୋଇଥାଏ। ପୂର୍ବରୁ ଘରେ ଘରେ ମାଟି ନିର୍ମିତ ଗ୍ଲାସ, ମାଠିଆ, ରୋଷେଇ ପାଇଁ ବିଭିନ୍ନ ପ୍ରକାରର ମାଟି ପାତ୍ର ଆଦି ବହୁଳ ମାତ୍ରରେ ବ୍ୟବହାର କରୁଥିଲେ। ଏବେ ବି ଗ୍ରାମାଞ୍ଚଳରେ କିଛି କିଛି ଘରେ କାଁ ଭାଁ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ମାଟି ହାଣ୍ଡି ରୋଷେଇର ଅନେକ ମହତ୍ତ୍ୱ ରହିଛି। ମାଟି ହାଣ୍ଡିରେ ପ୍ରସ୍ତୁତ ରୋଷେଇ ସୁସ୍ୱାଦିଷ୍ଟ ବୋଲି ସମସ୍ତେ କହନ୍ତି।

# ବାପାଙ୍କୁ ମାଡ଼ ମାରି ଘରୁ ତଡ଼ିଦେଲେ ପୁଅ, ବୋହୂ

ଛତ୍ରପୁର,୩୧।୧୦ (ଦିଲ୍ଲୀପ ସାମଲ):

ପରିଣତ ବୟସରେ ଅଲୋଡା ହୋଇଗଲେ ବାପା। ସମ୍ପତି ବାଣ୍ଟି ନେବା ପରେ ବାପାଙ୍କୁ ମାଡ଼ ମାରି ଘରୁ ତଡ଼ିଦେଲେ ପୁଅ ବୋହୂ। ଶେଷରେ ସାହି ପଡ଼ିଶାଙ୍କ ବାରଣ୍ଡା ବାପାଙ୍କ ପାଇଁ ପାଲଟିଲା ଆଶ୍ରୟସ୍ଥଳ। ଶେଷରେ ନ୍ୟାୟ ପାଇଁ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ବୃଦ୍ଧ ବାପା। ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳରେ।

କବିସୂର୍ଯ୍ୟନଗର ଥାନା ପଥରାପଲ୍ଲୀ ଗ୍ରାମର ଅଭିମନ୍ୟୁ ସାହୁ (୯୧) । ଠିକ୍‌ସେ ଆଖିକୁ ଦେଖାଯାଉ ନାହିଁ। ଚାଲିବାକୁ ସାହାରା ଏକ ବଙ୍କୁଲି ବାଡ଼ି। ସ୍ତ୍ରୀ ଆରପାରିକୁ ଚାଲିଯାଇଛନ୍ତି। ତିନି



ପୁଅଙ୍କୁ ଜନ୍ମ ଦେଇଥିବାବେଳେ ଦୁଇ ପୁଅ ବାହାରେ ରହୁଛନ୍ତି। ଘରେ ସାନ ପୁଅ ପ୍ରଶାନ୍ତ ଓ ବୋହୂ ସୁନିତା

**ଗଞ୍ଜାମ ଏସ୍‌ପିଙ୍କ ଦ୍ୱାରସ୍ଥ**

ସୁବୁଦ୍ଧି। ବୃଦ୍ଧ ବାପାଙ୍କୁ ଖାଇବାକୁ ନଦେଇ ଓଲଟି ମାଡ ମାରିବା ସହ ଘରୁ ବାହାର କରିଦେଇଛନ୍ତି। କୌଣସି ଉପାୟ ନପାଇ ଏସପିଙ୍କ ନିକଟରେ ଅଭିଯୋଗ କରିଛନ୍ତି ବୃଦ୍ଧ ଅଭିମନ୍ୟୁ। କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କଲେ କେହି ଶୁଣୁନଥିବା କହିଛନ୍ତି। ଘରେ ରହିଲେ ସାନ ପୁଅ ମାରି ଦେବାର ଧମକ ମଧ୍ୟ ଦେଉଥିବା କହିଛନ୍ତି। ଗଞ୍ଜାମ ଏସପି ଜଗମୋହନ ମିନା ଅଭିଯୋଗ ଶୁଣିବା ପରେ ତୁରନ୍ତ କବିସୂର୍ଯ୍ୟନଗର ଥାନା ଅଧିକାରୀଙ୍କୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ଟ୍ରକ୍ ଧକ୍କାରେ ବୃଦ୍ଧ ମୃତ

ଗୋପାଳପୁର,୩୧।୧୦(ନବୀନ ରାଜ ଆଚାରୀ):

ଗୋଳନ୍ଥରା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥରେ ମଙ୍ଗଳବାର କେ ସୁବାଣୀ ଛକ ନିକଟରେ ଟ୍ରକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆର. ସୁବାନୀ ଗ୍ରାମର ଭାଗ୍ୟ ଦାସ। ସୁବାଣୀ ଛକ ନିକଟରେ ଭାଗ୍ୟ ଛିଡା ହୋଇଥିବା ବେଳେ ଇଛାପୁରରୁ ଭୁବନେଶ୍ୱର ଆସୁଥିବା ଏକ ଟ୍ରକ ଦ୍ରୁତ ଗତିରେ ଆସି ଭାଗ୍ୟଙ୍କ ଉପରେ ଚଢିଯାଇଥିଲା। ଗୋଳନ୍ଥରା ପୋଲିସ ପହଞ୍ଚି ଗୁରୁତର ଭାଗ୍ୟଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

ଜି.ଉଦୟଗିରି,୩୧।୧୦(ପି. ସଞ୍ଜୀବ କୁମାର ପାତ୍ର):

ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ରଟିଙ୍ଗିଆ ପଞ୍ଚାୟତସ୍ଥିତ ଡକେଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ପ୍ରଧାନଶିକ୍ଷୟିତ୍ରୀ କବିତା ପଟ୍ଟନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ବିଦ୍ୟାଳୟ କମିଟି ସଭାପତି ସୁଯୋଗା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମିହିରକାନ୍ତ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ବଳରାମ ସାହୁ, ଲୋକନାଥ ବାରିକ ଓ ଗୋଲକ ବିହାରୀ ପଟ୍ଟନାୟକ, ବୈକୁଣ୍ଠ ନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ଥିଲେ। ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ନିଜ ଅଭିଭାଷଣରେ ରାମାୟଣ ଉପାଖ୍ୟାନ ଦେଇ ପିଲାମାନଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଛାତ୍ରୀ ଓ ଶିକ୍ଷୟତ୍ରୀମାନଙ୍କ ଦ୍ୱାରା ବିଦାୟୀ ସଙ୍ଗୀତ ଗାନ କରାଯାଇଥିଲା। ସିଆରସିସି ବିଦେଶୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଲଙ୍ଗଳେଶ୍ୱର ମନ୍ଦିରରୁ ଚୋରି

ପୋଲସରା,୩୧।୧୦(ସୁବ୍ରତ ବେହେରା):

ପୋଲସରା ଥାନା ରଣିପଡ଼ା ପଶ୍ଚିମମୁଖି ଲଙ୍ଗଳେଶ୍ୱର ମନ୍ଦିରରୁ ଗତ ସୋମବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ମନ୍ଦିରରେ କିଛି ଦୁର୍ବୃତ୍ତ ପଶି ଅଫିସ୍ ରୁମକୁ ଭଙ୍ଗା ରୁଜୁ କରି ଭିତରେ ଥିବା ଲୁହା ଗଡରେଜ୍, ଟ୍ରଙ୍କ ପେଡ଼ିକୁ ଟେକି ନେଇ କିଛି ଦୂରରେ ପକାଇବା ସହ ମନ୍ଦିରର ଦାନ ବାକ୍ସକୁ ଭାଙ୍ଗି ଟଙ୍କା ଲୁଟି ନେଇଥିବା ମନ୍ଦିର କମିଟି ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୬୭୪/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ନେଇ ଥାନାଧିକାରୀ କୌଶିକି ମାଝୀ କହିଛନ୍ତି।

# ମାର୍କଫେଡ ପୂର୍ବତନ ପରିଚାଳକଙ୍କୁ ୪ ବର୍ଷ ଜେଲ

ଫୁଲବାଣୀ, ୩୧।୧୦(ରାକେଶ କୁମାର ରାଉତ)

ଏକ ଲାଞ୍ଚ କାରବାର ମାମଲାର ବିଚାର କରି ମଙ୍ଗଳବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ସମର ବିଳାସ ବେହେରା ଅଭିଯୁକ୍ତଙ୍କୁ ୪ ବର୍ଷ ସଶ୍ରମ କାରା ଦଣ୍ଡାଦେଶ ଦେଇଛନ୍ତି । ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି । ଏହା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା ମାର୍କଫେଡର ପୂର୍ବତନ ପରିଚାଳକ ଭୁବନ ମୋହନ ଦାସ ।

ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଅନ୍ତର୍ଗତ ବେଣୁପୁର ଗ୍ରାମର ଭୁବନ ବୌଦ୍ଧ ଜିଲାରେ ମାର୍କଫେଡର ପରିଚାଳକ ଭାବେ କାମ କରୁଥିଲେ। ୨୦୦୭ରେ ହଳଦୀ ଏବଂ ଅନ୍ୟାନ୍ୟ ବିହନର ମଞ୍ଜି କ୍ରୟ କରିବା ପାଇଁ ଥିବା ୯ ଲକ୍ଷ ୬୬ ହଜାର ଟଙ୍କା ଆତ୍ମସାତ କରିଥିବା ତାଙ୍କ ନାମରେ ଅଭିଯୋଗ ଆସିଥିଲା। ଯାଞ୍ଚ ପରେ ଏଥିରେ ସତ୍ୟତା ଜଣାପଡିବା ପରେ ୩୦/୦୭ରେ ମାମଲା ରୁଜୁ ହୋଇଥିଲା। ଏହାପରେ ତାଙ୍କୁ ୨୦୦୮ରେ ନିଲମ୍ବିତ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ପିପି ଭିଭି ରାମଦାସ ମାମଲା ପରିଚାଳନା କରୁଥିଲେ।

# ଜାତୀୟ ଏକତା ଦିବସ ପାଳିତ



ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଶପଥପାଠ କରାଯାଉଛି।

ପାରଳାଖେମୁଣ୍ଡି, ୩୧।୧୦ (ଗିରିଧାରୀ ପରିଛା):

ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ଉଦଘାଟିତ ହେବା ସହିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୮ତମ ଜୟନ୍ତୀ ଅବସରରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ମଙ୍ଗଳବାର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଦୁର୍ନୀତି ନିବାରଣ ସମ୍ପର୍କିତ ଏକ ରାଲିକୁ ଉଦଘାଟନ କରିଥିଲେ। ନାଗରିକଙ୍କ ପାଇଁ ସାଧୁତାର ଶପଥ- ଶୀର୍ଷକ ଏକ ସାମୂହିକ ଶପଥ ପାଠ କରାଇଥିଲେ। ଛାତ୍ରୀମାନେ 'ଦୁର୍ନୀତିକୁ ବିରୋଧ କରିବା ରାଷ୍ଟ୍ର ପ୍ରତି ସମର୍ପିତ ରହିବା' ନାରା ଦେଇ ଜନସଚେତନତା ସୃଷ୍ଟି କରିଥିଲେ। ସେହିପରି ଭାରତର ଲୌହ ମାନବ, ସର୍ଦ୍ଦାର ବଲ୍ଲବଭାଇ ପଟେଲଙ୍କ ୧୪୮ତମ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ପାଳନ ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଅଧ୍ୟକ୍ଷା ଡ଼. ରୀନା ସାହୁ, ଅଧ୍ୟାପିକା ଡ଼. କଲ୍ୟାଣୀ ମିଶ୍ର ଅଧ୍ୟାପକ କୃଷ୍ଣଚନ୍ଦ୍ର ପଣ୍ଡିତ ପଟେଲଙ୍କ ଜୀବନୀ, ସ୍ୱାଧୀନତା ସଂଗ୍ରାମ ତଥା ଗଡଜାତ ମିଶ୍ରଣରେ ପଟେଲଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଶେଷରେ ଅଧାପିକା ମଧୁସ୍ମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର.ଉଦୟଗିରି ପୂର୍ତ୍ତ ବିଭାଗରେ ଅଧିକାରୀ, କର୍ମଚାରୀଙ୍କ ମରୁଡ଼ି

ଆର.ଉଦୟଗିରି,୩୧।୧୦(ମନୋଜ କୁମାର ପାଢୀ)

ଆର.ଉଦୟଗିରି ପୂର୍ତ୍ତ ବିଭାଗର ସବଡିଭିଜନ ଅଫିସରେ ଅଧିକାରୀଙ୍କ ସହ କର୍ମଚାରୀଙ୍କ ମରୁଡି ଦେଖା ଦେଇଛି। ଏଠାରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବହୁ ଅର୍ଥ ବ୍ୟୟ ହୋଇଛି। ହେଲେ ସବୁକିଛି କାଗଜକଲମରେ ସୀମିତ ରହିଛି। ଠିକାଦାରଙ୍କ ମର୍ଜିରେ ବିଭାଗୀୟ କିଛି ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ସରକାରଙ୍କ ବିକାଶମୂଳକ ଯୋଜନା ଲୋକଙ୍କଠାରେ ପହଞ୍ଚିପାରୁନାହିଁ। ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ଯେ ଗତ ୧ ବର୍ଷର ସମସ୍ତ କାର୍ଯ୍ୟନେଇ ନିରପେକ୍ଷ ତଦନ୍ତ କଲେ ଏହି ସବଡିଭିଜନର ମହା ଦୁର୍ନୀତି ଲୋକଲୋଚନକୁ ଆସିପାରିବ। ଘଟଣାରୁ ପ୍ରକାଶ, ଏହି ସବଡିଭିଜନ ଅଫିସ ଅଧୀନରେ ୩ଟି ସେକସନ ରହିଛି। ସେ ଗୁଡିକ ହେଲା ରାମଗିରି, ଖଜୁରିପଦା ଓ ଆର.ଉଦୟଗିରି ସେକ୍ସନରେ ଜଣେ କନିଷ୍ଠ ଯନ୍ତ୍ରୀ ରହିଛି। ସେହିପରି ସବଡିଭିଜନ ଅଫିସର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ମଧ୍ୟ କିଛି ମାସ ହେଲା ବଦଳି ହୋଇଯାଇଛି। ତାଙ୍କ ବଦଳରେ କିଏ ଯନ୍ତ୍ରୀ ନ ଆସିବାରୁ ରାମଗିରି ସେକ୍ସନର କନିଷ୍ଠ ଯନ୍ତ୍ରୀ ସମସ୍ତ ଦାୟିତ୍ୱ ତୁଲାଇଆସୁଛନ୍ତି। ଏହି ଅଫିସରେ କିରାଣି ଓ କ୍ୟାସିୟରଙ୍କ ପଦବୀ ମଧ୍ୟ ଦୀର୍ଘ ବର୍ଷ ଧରି ଖାଲି ପଡିଛି। ଏହି ସବଡିଭିଜନ ଅଫିସରେ ଛେଲିଗଡରୁ ରାମଗିରି, ରାମଗିରିରୁ ମଣ୍ଡଳସାହି ରାସ୍ତା କାମ, ଆର.ଉଦୟଗିରିରୁ ସମ୍ବଲପୁର, ଖଜୁରିପଦାରୁ ନୂଆଗଡ଼, ନୂଆଗଡରୁ ସେରଙ୍ଗ, ଆର.ଉଦୟଗିରିରୁ ରାମଗିରି ରାସ୍ତା କାମ ପରିମଳ ଆଦର୍ଶ, ଛେଳିଗଡ଼ ଓ ମାଳବା ୫-ଟିରେ ବିଦ୍ୟାଳୟ ରୂପାନ୍ତରିତ କାମ ପୂର୍ତ୍ତ ବିଭାଗ ଦ୍ୱାରା ଚାଲୁଛି। ଏହି କାମ ଗୁଡିକ ଭଗବାନଙ୍କ ଭରଷାରେ ଚାଲୁଛି। ଏହି ବିଭାଗରେ ଯେଉଁ ସବୁ ରାସ୍ତାକାମ ମରାମତି ଓ ଅନ୍ୟ କାମ ଗୁଡିକ ଚାଲୁଛି, ପିଟୁକାମ କରିବା ଅଭିଜ୍ଞତା ନଥିବା ଠିକାଦାର ମାନଙ୍କୁ କାମ କରିବାକୁ ଦିଆଯାଇଥିବାରୁ ରାସ୍ତା ମରାମତି କାମ ଅତିନିମ୍ନମାନର ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଆର.ଉଦୟଗିରି ପୂର୍ତ୍ତ ବିଭାଗ ସବଡିଭିଜନ ଅଧିନ ଏକ ବର୍ଷ ମଧ୍ୟରେ ଯେଉଁ ସବୁ କାମ କରାଯାଇଛି ସମସ୍ତ କାମ ଦୁର୍ନୀତି ବିଭାଗ ଦ୍ୱାରା ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ଦାବି ହେଉଛି।

# ଟିକେଟ କାଟି ଟ୍ରେନରେ ଯାତ୍ରା କରିବାକୁ ସଚେତନତା


ହାତରେ ପ୍ଲାକାର୍ଡ ଧରି ସଚେତନତା ।

ଗଞ୍ଜାମ,୩୧।୧୦(ବିଦ୍ୟାଧର ସାହୁ)

ଗଞ୍ଜାମ ଷ୍ଟେସନରେ ପୁରୀ ତିରୁପତି ଓ ହୀରାଖଣ୍ଡ ଏକ୍ସପ୍ରେସ ରହଣି ପାଇଁ ଗଞ୍ଜାମ ପୌରାଞ୍ଚଳ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗତ ଅକ୍ଟୋବର ୨ ରେ ଷ୍ଟେଶନ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବରିଷ୍ଠ ନାଗରିକ ମଞ୍ଚର ଦାବୀ ମୁତାବକ ଗତ କିଛି ଦିନ ହେବ ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନ ରହଣି ହୋଇଥିଲେ ମଧ୍ୟ ପୁରୀ ତିରୁପତି ଟ୍ରେନ ରହୁନାହିଁ। ରେଳ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ ଅଧିକ ଟିକେଟ ବିକ୍ରି ହେଲେ ତିରୁପତି ରହିବାରେ ଅସୁବିଧା ହେବ ନାହିଁ। ଏଥିପାଇଁ ମଙ୍ଗଳବାର ସକାଳେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲିଙ୍ଗରାଜ ପଟ୍ଟନାୟକ, ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା, ବରିଷ୍ଠ ସଦସ୍ୟ ବିନୋଦ ଚନ୍ଦ୍ର ମହାପାତ୍ର, ବ୍ରଜ ପାଣିଗ୍ରାହୀ, ସୁରେନ୍ଦ୍ର ପଟ୍ଟନାୟକଙ୍କ ପ୍ରମୁଖ ହାତରେ ପ୍ଲାକାର୍ଡ ଧରି ଷ୍ଟେସନ ଯାଇ ଟିକେଟ କାଟି ଟ୍ରେନରେ ଯାତ୍ରା କରିବାକୁ ଲୋକଙ୍କୁ ସଚେତନତା କରିଥିଲେ। ବିନା ଟିକେଟରେ କିଛି ଶିକ୍ଷୟିତ୍ରୀ ଶିକ୍ଷକ ଟ୍ରେନ୍‌ରେ ଯିବା ଆସିବା କରୁଥିବା ସଚେତନତା ସମୟରେ ଧରା ପଡିଥିଲା। ଶିକ୍ଷୟିତ୍ରୀ ଯାତ୍ରା କରୁଥିବାକୁ ଦୃଢ ନିନ୍ଦା କରିଛନ୍ତି ବରିଷ୍ଠ ନାଗରିକ ମଞ୍ଚ।

# ନୂତନ ବିଡିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପୋଲସରା,୩୧।୧୦(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ଗୋଛାବାଡି ଗ୍ରାମ ପଞ୍ଚାୟତର ଯୁବକମାନେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେସ୍ କୁମାର ଜାନିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଅବସରରେ ପ୍ରଶାନ୍ତ କୁମାର ଗୌଡ଼, କେଦାରନାଥ ଗୌଡ, ବୁଲୁ ଗୌଡ଼, ପ୍ରଶାନ୍ତ ଗୌଡ଼, ଯିତୁ ଗୌଡ, ଅଭିମନ୍ୟୁ ଗୌଡ଼ ସାକ୍ଷାତ କରି ଗୋଛାବାଡ଼ି ଗ୍ରାମ ପଞ୍ଚାୟତର ମୌଳିକ ସମସ୍ୟାର ଯଥାଶୀଘ୍ର ସମାଧାନ ପାଇଁ ଜାନିଙ୍କୁ ଅନୁରୋଧ କରିଥିଲେ ଏବଂ ନିକଟରେ ଘଟିଥିବା ଚାଞ୍ଚରାପଲ୍ଲୀ ରାସ୍ତାର ସମସ୍ୟାକୁ ଜଣେଇବା ସହ ଗ୍ରାମର ପାନୀୟ ଜଳ ସମସ୍ୟା ଏବଂ ଗ୍ରାମରେ ଲାଇଟ୍‌ର ସମସ୍ୟା ସମାଧାନ କରିବା ସହିତ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଥିଲେ।

# ପର୍ଯ୍ୟଟନର ବିକାଶ ପାଇଁ ୧୭. ୧୦ କୋଟି ଅନୁଦାନ

ଦାରିଙ୍ଗବାଡ଼ି, ୩୧।୧୦ (ଅରୁଣ ସାହୁ)

ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିରେ ଗତ କିଛିଦିନ ହେଲା ଶୀତ ଆରମ୍ଭ ହୋଇସାରିଛି। ୧୫ ଡିଗ୍ରୀ ତଳେ ତାପମାତ୍ରା ରହୁଥିବା ବେଳେ ଶୀତର ମଜା ନେବା ପାଇଁ ଦଶହରା ପୂଜା ଛୁଟିଠାରୁ ଦାରିଙ୍ଗବାଡିକୁ ପର୍ଯ୍ୟଟକଙ୍କ ଆଗମନ ହୋଇସାରିଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବୁଧବାର ପ୍ରଶାସନ ପକ୍ଷରୁ ଦାରିଙ୍ଗବାଡିକୁ ପରିଚିତ କରିଥିବା କଫି ବଗିଚା ପରିସର ମଧ୍ୟରେ ଏକ କାଫେ ଏବଂ ଶିଶୁ ଉଦ୍ୟାନର ଶୁଭାରମ୍ଭ କରାଯାଉଛି। ଦାରିଙ୍ଗବାଡିକୁ ଆସୁଥିବା ପର୍ଯ୍ୟଟକ ଦାରିଙ୍ଗବାଡିର ଜୈବିକ କଫି କିଣି ନେଉଥିଲେ ସୁଦ୍ଧା କଫି ଏଠାରେ ପିଇବା ପାଇଁ ମିଳୁନଥିଲା। ପ୍ରଥମଥର ପାଇଁ ପ୍ରଶାସନ ପକ୍ଷରୁ ପର୍ଯ୍ୟଟକଙ୍କୁ ଜୈବିକ ପଦ୍ଧତିରେ ଚାଷ କରାଯାଉଥିବା



ଉଦ୍‌ଘାଟନ ହେବାକୁ ଥିବା କାଫେ ।

- ପର୍ଯ୍ୟଟନକ୍ଷେତ୍ରରେ ଆଉ ଏକ କ୍ଷେତ୍ର ଯୋଡ଼ି ହେଲା
- ଦାରିଙ୍ଗବାଡ଼ିର ଜୈବିକ କଫିର ମଜା ନେବେ ପର୍ଯ୍ୟଟକ
- ଆଜି କଫି ବଗିଚାରେ କାଫେ, ଶିଶୁ ଉଦ୍ୟାନ ଶୁଭାରମ୍ଭ

ଦାରିଙ୍ଗବାଡି କଫି ସୁବିଧାରେ ପିଇବାକୁ ମିଳିବ। ଏଥିସହ ଶିଶୁ ପର୍ଯ୍ୟଟକଙ୍କ ପାଇଁ ଶିଶୁ ଉଦ୍ୟାନ କରାଯାଇଛି ଯେଉଁଠି ସେଲଫି ପଏଣ୍ଟ, ଦୋଳି, ଖସଡ଼ା, ବିଭିନ୍ନ ପ୍ରାଣୀଙ୍କ ଫାଇବାର ମୂର୍ତ୍ତି ଆଦି ସ୍ଥାପନ କରାଯାଇଛି ଯାହାକି ଶିଶୁ ପର୍ଯ୍ୟଟକଙ୍କୁ ବହୁତ ଆକୃଷ୍ଟ କରିବ ବୋଲି ଆଶା କରାଯାଇଛି। ସେହିପରି ଦାରିଙ୍ଗବାଡିର ଅନ୍ୟ ପର୍ଯ୍ୟଟନ କେନ୍ଦ୍ର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ରୁପାନ୍ତର କରାଯିବା ପାଇଁ ପ୍ରାୟ ୧୭ କୋଟି ୧୦ ଲକ୍ଷ ଟଙ୍କା ଅନୁଦାନ ଆସିଛି। ଯାହାକି ପର୍ଯ୍ୟଟନ କ୍ଷେତ୍ର ଗୁଡିକର ବିକାଶ ହେବା ସହ ପର୍ଯ୍ୟଟକଙ୍କୁ ଅଧିକା ଆକୃଷ୍ଟ କରିବ ବୋଲି ବିଡିଓ ଗଦାଧର ପାତ୍ର କହିଛନ୍ତି। ସେହିପରି ବୁଧବାର ଦାରିଙ୍ଗବାଡିରେ ଚତୁର୍ଥ ବର୍ଷ ପାଇଁ ଇକୋ ରିଟ୍ରିଟର ଶୁଭାରମ୍ଭ ଏକ ମାସ ପୂର୍ବରୁ କରାଯାଉଛି। ଚଳିତ ଥର ମଧ୍ୟ ଦାରିଙ୍ଗବାଡି ଇକୋ ରିଟ୍ରିଟର ପର୍ଯ୍ୟଟକଙ୍କ ପାଇଁ ପଞ୍ଚତାରକା ହୋଟେଲର ସୁବିଧା ଭଳି ଉପଲବ୍ଧ କରାଯିବ। ସେମାନଙ୍କ ମନରଞ୍ଜନ ପାଇଁ ବ୍ୟବସ୍ଥା ସହ ଯୋଗ, ବ୍ୟାୟାମ, ସାଇକଲ ରାଇଡିଂ, ଟ୍ରକିଙ୍ଗ ବିଭିନ୍ନ ପର୍ଯ୍ୟଟନକ୍ଷେତ୍ରକୁ ବୁଲାଇନେବା ବ୍ୟବସ୍ଥା ଆଦି କରାଯାଉଛି। ସେହିପରି ଉକ୍ତ ଇକୋ ରିଟ୍ରିଟରେ ସ୍ଥାନୀୟ ଯୁବତୀ ଯୁବକମାନଙ୍କୁ ନିଯୁକ୍ତି ମଧ୍ୟ ଦିଆଯାଉଛି। ଫଳରେ ବେକାର ଯୁବତୀ ଯୁବକଙ୍କୁ ସ୍ୱାରୋଜଗାର ମିଳୁଥିବା ସ୍ଥାନୀୟ ଯୁବକମାନେ କହିଛନ୍ତି।

# ଜମି ପଟ୍ଟା ଦାବିରେ ବସ୍ତି ସୁରକ୍ଷା ମଞ୍ଚର ଶୋଭାଯାତ୍ରା

ପାରଳାଖେମୁଣ୍ଡି, ୩୧।୧୦ (ଗିରିଧାରୀ ପରିଛା):

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ବସ୍ତି ସୁରକ୍ଷା ମଞ୍ଚ ସହିତ ୱାର୍ଡ ୧ ଓ ୧୨ର ଲୋକମାନେ ମଙ୍ଗଳବାର ଜମି ପଟା ପ୍ରଦାନ ଦାବିରେ ଏକ ବିକ୍ଷୋଭ ଶୋଭାଯାତ୍ରା କରିଛନ୍ତି। ଏହି ଶୋଭାଯାତ୍ରା ସ୍ଥାନୀୟ ରାମନଗରଠାରୁ ବାହାରି ପାରଳାଖେମୁଣ୍ଡି ପୌର ପରିଷଦ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଘଣ୍ଟ ବାଡେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବସ୍ତି ଅଞ୍ଚଳରେ ବିଭିନ୍ନ ସରକାରୀ ଜମିରେ ରହୁଥିବା ଲୋକେ ନିଜ ଘରର ମାଲିକାନା ପଟା ପାଇଥିବା ବେଳେ ପୌରପରିଷଦ ଜମିରେ ରହିଥିବା ଲୋକ ବାରମ୍ବାର ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ନିଜ ଘର ମାଲିକାନା ପଟା ପାଇନଥିବା ଅଭିଯୋଗ କରିଛନ୍ତି। ଓଡ଼ିଶା ସରକାରଙ୍କ ଭୂମି ଅଧିଗ୍ରହଣ ନିୟମ ୨୦୧୭ ଅନୁଯାୟୀ ବସ୍ତି ବାସିନ୍ଦାଙ୍କ ଚତୁଃପାର୍ଶ୍ୱରେ ଭୂମି ଯୋଗ୍ୟତା ପ୍ରମାଣ ପତ୍ର



ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ମିଳିସାରିଥିବା ବେଳେ କିଛି ହିତାଧିକାରୀ ଆଜି ବି ଭୂମି ପଟା ପାଇବାରୁ ବଞ୍ଚିତ ଅଛନ୍ତି ବୋଲି ଅଭିଯୋଗ କରିଛନ୍ତି ବସ୍ତି ସୁରକ୍ଷା ମଞ୍ଚର ଆବାହକ ସୁଜିତ କୁମାର ପ୍ରଧାନ। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ବନମାଳୀ ଶତପଥୀ କହିଛନ୍ତି, ବସ୍ତି ସୁରକ୍ଷା ମଞ୍ଚ ତରଫରୁ ଏହି ସମସ୍ୟା ସମ୍ପର୍କରେ ଲିଖିତ ଅଭିଯୋଗ ହୋଇଥିଲା । ଯେଉଁ ଲୋକମାନେ ଜମି ପଟା ପାଇ ନାହାନ୍ତି ସେମାନେ ପୌର ପରିଷଦ ମାଲିକାନା ଜମିରେ ନ ରହି କିଛି ଲୋକ ଜଙ୍ଗଲ ଜମି, ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟର ଅଞ୍ଚଳ ଜମି ଓ ବ୍ୟକ୍ତିଗତ ମାଲିକାନା ଜମିରେ ରହୁଛନ୍ତି। ତେଣୁ ସେମାନେ ଜମି ପଟ୍ଟା ପାଇବାରୁ ବଞ୍ଚିତ ଅଛନ୍ତି ବୋଲି ସେମାନଙ୍କୁ ଜଣାଇ ଦିଆଯାଇଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

**ଧର୍ମଶାଳା,୩୧।୧୦(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନୀଳକଣ୍ଠପୁର ଗ୍ରାମର ମୁନା ବେହେରା(୨୨)। ମୁନା ସୋମବାର ରାତିରେ ଜଣେ ୧୨ ବର୍ଷର ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୬୮୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

## ଦୁର୍ନୀତି ମାମଲା

### ଜିପିଟିଏଙ୍କୁ ୩ ବର୍ଷ ଜେଲ

**କେନ୍ଦୁଝର, ୩୧।୧୦**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ମଙ୍ଗଳବାର ଏକ ଦୁର୍ନୀତି ମାମଲାର ଶୁଣାଣି କରି ଗ୍ରାମପଞ୍ଚାୟତ ଟେକ୍ନିକାଲ ଆସିଷ୍ଟାଣ୍ଟ (ଜିପିଟିଏ)ଙ୍କୁ ୩ ବର୍ଷ ଜେଲ ଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆଉ ଏକ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ଜିପିଟିଏ ହେଲେ ଭଦ୍ରକ ଜିଲା ଜଗନ୍ନାଥପୁର ଅଞ୍ଚଳର ପ୍ରମୋଦ କୁମାର ପଣ୍ଡା। ସେ ସଦର ବ୍ଲକରେ ଜିପିଟିଏ (କନିଷ୍ଠ ଯନ୍ତ୍ରୀ) ଭାବେ କାମ କରୁଥିଲେ ଓ ଏବେ କେନ୍ଦୁଝର ସହରରେ ରହୁଛନ୍ତି। ପ୍ରଭେନସନ ଅଫ୍ କରପ୍ସନ ଆକ୍ଟ ୨୦୧୮ର ଧାରା ୭ ଅନୁଯାୟୀ ତାଙ୍କୁ ଏଭଳି ଦଣ୍ଡିତ କରାଯାଇଥିବା ବେଳେ ଏବେ ତାଙ୍କୁ ଚାକିରରୁ ବାହାର କରି ଦିଆଯାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ସଦର ବ୍ଲକ ଅଧୀନ ବଉଳମାଳ ଗ୍ରାମର ଯୁଧିଷ୍ଠିର ମହାନ୍ତ ତାଙ୍କ ଗ୍ରାମରେ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମହାକୁଡ଼ ସାହିଠାରୁ ପାତ୍ରସାହି ପର୍ଯ୍ୟନ୍ତ ଏକ କଂକ୍ରିଟ ରାସ୍ତା ପଞ୍ଚାୟତ ଅନୁଦାନରେ କରୁଥିଲେ। ଏହି କାମ ସରିବା ପରେ ବିଲ୍ ପାଇଁ ଜିପିଟିଏ ତାଙ୍କୁ ୧୪ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ବାବଦ ଟଙ୍କା ଦେବାକୁ ସେ ଅସମର୍ଥ ପ୍ରକାଶ କରିଥିଲେ ହେଁ ଜିପିଟିଏ ବିଲ୍ କରି ନ ଥିଲେ। ତେବେ ବିଲ୍ କରିବା ପାଇଁ ୧୧ ହଜାର ଟଙ୍କା ଦେବାକୁ କହିବାରୁ ଯୁଧିଷ୍ଠିର ଭିଜିଲାନ୍ସ ବିଭାଗ ନିକଟରେ ୨୦୨୦ ଜୁନ୍ ୧୮ରେ ଲିଖିତ ଅଭିଯୋଗ କରିଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ଏନେଇ ଏକ ମାମଲା (ନଂ.୩/୨୦୨୦) ରୁଜୁ କରି ୧୯ ତାରିଖରେ ଲାଞ୍ଚ ନେବା ସମୟରେ ପ୍ରମୋଦଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ୧୧ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ରଶ୍ମିତା ଦଳେଇ ଏହି ଦଣ୍ଡାଦେଶ ଶୁଣାଣି କରିଛନ୍ତି।

# ରାସ୍ତାରେ ଗଛଲତା ବଢ଼ାଉଛି ଦୁର୍ଘଟଣା

## ସରିଲା ବର୍ଷାଋତୁ

■ ସଫେଇ ଉପରେ ଧ୍ୟାନ ଦିଆଯାଉନି

**ରସୁଲପୁର,୩୧।୧୦(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅଞ୍ଚଳରେ ଗମନାଗମନ ସୁବିଧା ପାଇଁ ଗ୍ରାମ୍ୟ ଉନ୍ନୟନ, ଜଳସେଚନ ଓ ପୂର୍ତ୍ତ ଆଦି ବିଭାଗ ପକ୍ଷରୁ ବହୁ ରାସ୍ତା ନିର୍ମାଣ କରାଯାଇଛି। ମାତ୍ର ବର୍ଷାଋତୁ ସରିବା ପରେ ରାସ୍ତାଘାଟର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ଷା ଦିନରେ ରାସ୍ତାର ଉଭୟ ପାର୍ଶ୍ୱସ୍ଥ ଗଛଲତାଗୁଡ଼ିକ ବଢ଼ିଯାଇ ରାସ୍ତା ଉପରକୁ ମାଡ଼ି ଆସିଛି। ଏଭଳି ସ୍ଥିତିରେ ରାସ୍ତା ଅଣଓସାରିଆ ହୋଇ ଗମନାଗମନରେ ବାଧା ସୃଷ୍ଟି କରୁଛି। ରାସ୍ତାଗୁଡ଼ିକୁ ଠିକ୍ ସମୟରେ ସଫେଇ କରାଯାଉ ନ ଥିବାରୁ ଦୁର୍ଘଟଣାସ୍ଥିତି ଉପୁଜୁଛି। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଧ୍ୟାନ ଦିଆଯାଇ ରାସ୍ତା ସଫେଇ କରାଯିବା ସହ ଭାଙ୍ଗିରୁଜି ଯାଇଥିବା ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

ଏହି ବ୍ଲକ ଅଞ୍ଚଳରେ ୩ ବିଭାଗ ଅଧୀନରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ, ମୁଖ୍ୟମନ୍ତ୍ରୀ ସଡ଼କ, ନଦୀବନ୍ଧ ରାସ୍ତା, ବିଭାଗୀୟ ରାସ୍ତା ଆଦି ନିର୍ମାଣ, ସମ୍ପ୍ରସାରଣ ଓ ମରାମତି ଆଦି କାର୍ଯ୍ୟ କରାଯାଇ ଆସୁଛି। ବର୍ଷାଦିନପରେ ଉକ୍ତ ରାସ୍ତାଗୁଡ଼ିକ



ରାସ୍ତାକୁ ଗଛ ମାଡ଼ିଆସିଛି।

ଉପରକୁ ଗଛଲତା ମାଡ଼ି ଆସୁଛି। ଫଳରେ ରାସ୍ତା ସଙ୍କୁଚିତ ହୋଇ ୨୦ ଫୁଟର ରାସ୍ତା ୧୦ ଫୁଟରେ ସୀମିତ ରହୁଛି। ହେଲେ ତାହାକୁ ବିଭାଗ ପକ୍ଷରୁ ସଫେଇ କରାଯିବା ପାଇଁ ପଦକ୍ଷେପ ନିଆଯାଉନାହିଁ। ଏପରି କି ରାସ୍ତା ନିର୍ମାଣ, ସମ୍ପ୍ରସାରଣ, ମରାମତି କାର୍ଯ୍ୟ କରାଯାଉଥିବା ସମୟରେ ସଫେଇ ଓ ମରାମତି କାର୍ଯ୍ୟ ପାଇଁ ବିଭାଗ ନିକଟରେ ଅର୍ଥ ମହଜୁଦ୍ ରହିଛି। ବିଭିନ୍ନ ସ୍ଥାନରେ ରାସ୍ତାଘାଟ ନିର୍ମାଣ ସମୟରେ ବିଭାଗ ସହ ଠିକାଦାରଙ୍କର ଚୁକ୍ତି ସ୍ୱାକ୍ଷରିତ ହେଉଛି। ଚୁକ୍ତି ମୁତାବକ ମରାମତି ପାଇଁ ରାସ୍ତା ନିର୍ମାଣବେଳେ ବ୍ୟୟବରାଦ ହୋଇଥିବା ମୂଳ ଅର୍ଥରୁ ଟଙ୍କା କାଟ୍ କରାଯାଇ ରଖାଯାଉଛି। ନିର୍ମାଣର ୫ବର୍ଷ ଅବଧି ମଧ୍ୟରେ ରାସ୍ତା କ୍ଷତିଗ୍ରସ୍ତ ହେଲେ ତାହାକୁ ଠିକାଦାରଙ୍କ ପକ୍ଷରୁ ମରାମତି କରାଯିବ। ଏ ବାବଦରେ ଖର୍ଚ୍ଚ ହେଉଥିବା ଅର୍ଥକୁ ବିଭାଗ ନିକଟରେ ଗଚ୍ଛିତ ଥିବା ଟଙ୍କାରୁ ଭରଣା କରାଯିବ। ହେଲେ ବିଭିନ୍ନ ବିଭାଗ ଅଧୀନରେ ନିର୍ମାଣ ହୋଇଥିବା ରାସ୍ତାଗୁଡ଼ିକର ପିଚୁ ଓ ଢଳେଇ ଉପରକୁ ଘାସ ଚଢ଼ି ଆସିଲାଣି। ଗଛଲତା ଓ ଅନାବନା ଘାସ ଗୁଳ୍ମ ଆଦି ରାସ୍ତା ଉପରକୁ ମାଡ଼ି ଆସିଲାଣି। କେତେକ ସ୍ଥାନରେ ରାସ୍ତାଗୁଡ଼ିକ ଭାଙ୍ଗିରୁଜି ଗଲାଣି। ଏଭଳି ସ୍ଥିତି ରାସ୍ତା ମରାମତିର ଅବଧି ଶେଷ ହୋଇ ନ ଥିବା ସତ୍ତ୍ୱେ ବିଭାଗ ପକ୍ଷରୁ ଏଥିପ୍ରତି ଧ୍ୟାନ ଦିଆଯାଉନାହିଁ।

ବିଭିନ୍ନ ବିଭାଗ ଅଧୀନ ଅନେକ ରାସ୍ତାରେ ଏଭଳି ସ୍ଥିତି ଉପୁଜିଥିବା ଖବର ଅଧିକାରୀଙ୍କ ନିକଟରେ ରହିଆସୁଛି। ମାତ୍ର ସେ ସବୁରେ ସୁଧାର ଆଣି ଗମନାଗମନକୁ ସୁଗମ କରାଯିବା ସହ ଦୁର୍ଘଟଣାକୁ ରୋକିବା ଦିଗରେ ବିଭାଗ ଗୁରୁତ୍ୱ ନ ଦେଇ ଠିକାଦାରଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରୁଥିବା ଅଭିଯୋଗ ହେଉଛି। ଏ ଦିଗରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଭୀମସେନ ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି, ତାଙ୍କ ବିଭାଗ ଅଧୀନ ରାସ୍ତାର ସ୍ଥିତିକୁ ଅନୁଧ୍ୟାନ କରି ଦେଖିବେ। ଆବଶ୍ୟକ ସ୍ଥଳେ ରାସ୍ତା ମରାମତି ଓ ସଫେଇ କାର୍ଯ୍ୟ କରି ଗମନାଗମନକୁ ସୁଗମ କରିବା ଉପରେ ଗୁରୁତ୍ୱ ଦେବେ।

# ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ



ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

**ଯାଜପୁରରୋଡ୍,୩୧।୧୦(ପବିତ୍ର ରଞ୍ଜନ ମହାନ୍ତି)**

କୋରେଇ ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ମଙ୍ଗଳବାର ବ୍ୟାସନଗରଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାସନଗର କଂଗ୍ରେସ କମିଟି ସଭାପତି ଦିଲୀପ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଷ୍ଟେଶନ ବଜାରସ୍ଥିତ ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ବରିଷ୍ଠ ନେତା ହରେକୃଷ୍ଣ ସାହୁ, ସୁଧାନିଧି ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦିକା ରିତାଶ୍ରୀ ମହାନ୍ତି, ବ୍ୟାସନଗର ସଭାନେତ୍ରୀ ଜ୍ୟୋତିସ୍ମିତା ରାଉତ, କାଉନସିଲର ଅର୍ଣ୍ଣପୂର୍ଣ୍ଣା ତରେଇ, ଭରତ ଓଝା, ରବୀନ୍ଦ୍ର ରାଉତ, ପୂର୍ବତନ କାଉନସିଲର ପଦ୍ମନାଭ ସ୍ୱାଇଁ, ଦିଲୀପ ଜେନା, ରାଜକିଶୋର ପ୍ରଧାନ, ଧୁଶାସନ ଦାସ, ଶ୍ରମିକ ନେତା ନାରାୟଣ ନାୟକ, ବ୍ରଜକିଶୋର ସ୍ୱାଇଁ, ପଦ୍ମନାଭ ନାୟକ, ଜଗବନ୍ଧୁ ନାୟକ, ଅରୁଣ କୁମାର ପରିଡ଼ା, ରବୀନ୍ଦ୍ର ନାୟକ, ସନ୍ତୋଷ କୁମାର ମହାନ୍ତି, କାର୍ତ୍ତିକ ନାୟକ, ବ୍ଲକ କଂଗ୍ରେସ ଉପସଭାପତି ନିରଞ୍ଜନ ନାୟକ, ଶ୍ୟାମସୁନ୍ଦର ଜେନା ଓ ରାଜ୍ୟ ଯୁବକଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟବ୍ରତ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ପୁଅର ଚିକିତ୍ସା ପାଇଁ ମା'ବାପାଙ୍କ ନିବେଦନ



ଆହତ ମନୋଜଙ୍କ ମା' ବାପା।

## ବଜ୍ରପାତରେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି

**କାଏମା,୩୧।୧୦(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଦେଓଦା ପଞ୍ଚାୟତ ଚଇନୁହୁଡ଼ା ଗ୍ରାମର ବଟକୃଷ୍ଣ ତରାଇଙ୍କ ପୁଅ ମନୋଜ ତରାଇ(୨୦) ବଜ୍ରପାତରେ ଗୁରୁତର ହୋଇ ୪୦ଦିନରୁ ଅଧିକ ହେବ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଚିକିତ୍ସା ପାଇଁ ବିଜୁ ସ୍ୱାସ୍ଥ୍ୟକାର୍ଡରେ ଥିବା ଟଙ୍କା ସରିଲାଣି। ହେଲେ ତାଙ୍କ ଦେହ ଠିକ୍ ହୋଇ ପାରୁନାହିଁ। ତେଣୁ ବାପା ବଟକୃଷ୍ଣ ଓ ମା' ବାସନ୍ତୀ ପୁଅର ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ପ୍ରଶାସନ ଓ ସହୃଦୟ ବ୍ୟକ୍ତିଙ୍କ ନିକଟରେ ନିବେଦନ କରିଛନ୍ତି।

ସେପ୍ଟେମ୍ବର ୧୮ତାରିଖ ଅପରାହ୍ନ ୫ଟାରେ ବର୍ଷା ଛାଡ଼ିଯିବା ପରେ ମନୋଜ ଓ ତାଙ୍କ ସାଙ୍ଗ ମନୋରଞ୍ଜନ ନାୟକ ଗ୍ରାମ ପାଖ ବିଲ ପାଟ ଆଡ଼କୁ ଯାଇ ବସି କଥା ହେଉଥିଲେ। ଏହି ସମୟରେ ଅଚାନକ ବଜ୍ରପାତ ହୋଇଥିଲା। ଫଳରେ ଉଭୟେ ସେଠାରେ ପଡ଼ି ଯାଇଥିଲେ। ଏହାଦେଖି ଜଣେ ସ୍ଥାନୀୟ ବାସିନ୍ଦା ଦୌଡ଼ି ଯାଇ ସେମାନଙ୍କ ପାଖରେ ପହଞ୍ଚିଥିଲେ। ମନୋଜଙ୍କ ମୁଣ୍ଡ ଫାଟି ରକ୍ତ ବହୁଥିଲା। ମନୋରଞ୍ଜନ ଅଚେତ ଅବସ୍ଥାରେ ଥିଲେ। ପାଖରେ ସେମାନଙ୍କ ମୋବାଇଲ ଫୋନ୍ ଭାଙ୍ଗିରୁଜି ପଡ଼ିଥିଲା। ସମ୍ପୃକ୍ତ ବ୍ୟକ୍ତି ଏହା ଦେଖି ଲୋକଙ୍କୁ ଡାକ ପକାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଉଭୟଙ୍କୁ ମେଡିକାଲକୁ ନିଆଯାଇଥିଲା। ମେଡିକାଲରେ ମନୋରଞ୍ଜନଙ୍କ ମୃତ୍ୟୁ ହୋଇ ଯାଇଥିଲା। ମନୋଜଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେବେଠୁ ମନୋଜ ଚିକିତ୍ସାଧୀନ ଅଛନ୍ତି। ମନୋଜଙ୍କ ବାପା ବଟକୃଷ୍ଣ ଜଣେ ଦିନ ମଜୁରିଆ। ତାଙ୍କର ତିନି ଝିଅ ଓ ଜଣେ ପୁଅ। କିଛି ଦିନ ହେବ ଜଣେ ଝିଅଙ୍କ ବାହାଘର ହୋଇଛି। ବଟକୃଷ୍ଣ ଧାରଉଦ୍ଧାର କରି ଝିଅ ବାହାଘର କରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ଧାର ଟଙ୍କା ସୁଝିପାରିନାହାନ୍ତି ବୋଲି କହିଛନ୍ତି। ସେହିପରି ପୁଅକୁ ଝୁରିଝୁରି ବାସନ୍ତୀଙ୍କ ଦେହ ଠିକ ରହୁନାହିଁ। ତେଣୁ ପୁଅର ଚିକିତ୍ସା ପାଇଁ ବଟକୃଷ୍ଣ ମୁଣ୍ଡରେ ହାତ ଦେଇ ବସିଛନ୍ତି। ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦିଆଗଲେ ପୁଅର ଚିକିତ୍ସା ହୋଇ ପାରିବ ବୋଲି ବଟକୃଷ୍ଣ ଓ ବାସନ୍ତୀ କହିଛନ୍ତି। ତେଣୁ ଏ ଦିଗରେ ଜିଲାପାଳ ଦୃଷ୍ଟିଦେବାକୁ ସେମାନେ ନିବେଦନ କରିଛନ୍ତି। ସେହିପରି ଏହି ପରିବାରକୁ ପ୍ରଶାସନ ସହାୟତା ଯୋଗାଇବାକୁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି।

# ବରିଷ୍ଠ ନାଗରିକଙ୍କ ସମସ୍ୟା ଆଲୋଚନା



ବୈଠକରେ ଯୋଗ ଦେଇଥିବା ବରିଷ୍ଠ ନାଗରିକମାନେ।

**ଧର୍ମଶାଳା,୩୧।୧୦(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍ ଜାରକା ପଞ୍ଚାୟତ ଉତ୍ତର ଶାସନ (ମାଙ୍କଡ଼ଖାଇ) ଗ୍ରାମରେ ବରିଷ୍ଠ ନାଗରିକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷକ ନେତା ଉଦ୍ଧବ ଚରଣ ବିଶ୍ୱାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାରକା ସରପଞ୍ଚ ସୁଦାମ ଚରଣ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ରାମଚନ୍ଦ୍ର ସାମଲ, ପରିକ୍ଷିତ ବେହେରା, ନାରାୟଣ ବିଶ୍ୱାଳ, ଲକ୍ଷ୍ମୀଧର ସାହୁ, ଅନନ୍ତ ଚରଣ ପ୍ରଧାନ, ଚୈତନ୍ୟ ପଲେଇ, ତନୁ ସାହୁ, ରବୀନ୍ଦ୍ର ବାରିକ, ନାରାୟଣ ନାୟକ, ଗୋପବନ୍ଧୁ ବାରିକ, ଗୋପୀନାଥ ସାହୁ, ବୈରାଗୀ ପଲେଇ, ଅକ୍ଷୟ କୁମାର ବାରିକ, ଶାନ୍ତିଲତା ବେହେରା ଓ ଚଞ୍ଚଳି ବେହେରା ଯୋଗଦେଇ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ରାସ୍ତାଘାଟ ସଫେଇ, ଗ୍ରାମକୁ ବାହ୍ୟ ମଳମୁକ୍ତ କରିବା, ପରିବେଶ ସନ୍ତୁଳନ ରକ୍ଷା ନିମନ୍ତେ ଚାରାରୋପଣ, ନିଶାମୁକ୍ତ ରାଜ୍ୟ ଗଠନ କରିବା, ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ନିଷ୍ପତ୍ତି ହୋଇଥିଲା। ଏକାଠି ବସୁଥିବା ବରଗଛମୂଳେ ଏକ ମଣ୍ଡପ ନିର୍ମାଣ ସହିତ ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ଟଙ୍କା କରିବା ପାଇଁ ବରିଷ୍ଠ ନାଗରିକମାନେ ସରକାରଙ୍କ ନିକଟରେ ଦାବି କରିଥିଲେ। ଏଥିରେ ଉତ୍ତର ଶାସନ, ଦୁବଗଡ଼ିଆ ଓ ନାଉପାଳ ଗ୍ରାମର ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ପୂର୍ବତନ ୱାର୍ଡସଭ୍ୟ ମାଗୁଣୀ ଚରଣ ବାରିକ ଧନ୍ୟବାଦ ଦେଇଥିଲେ।

## ଇନ୍ଦିରାଙ୍କ କାର୍ଯ୍ୟଧାରା ଦେଶକୁ ସୁଦୃଢ଼ କରିଥିଲା

**ଧର୍ମଶାଳା,୩୧।୧୦(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ କୁମାରୀସ୍ଥିତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। କଂଗ୍ରେସ ନେତା କିଷାନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ବସନ୍ତ କୁମାର ପରିଡ଼ା, ପ୍ରାକ୍ତନ ପଞ୍ଚାୟତ ସମିତି ସଦସ୍ୟ ନରୋତ୍ତମ ନାୟକ, ନକୁଳ ଜେନା, ପ୍ରଫୁଲ୍ଲ କୁମାର ରାୟ, ବାବୁଲି ମଲ୍ଲିକ, ଯୁବନେତା ଦେବାଶିଷ ପରିଡ଼ା ଓ କାର୍ତ୍ତିକ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଇନ୍ଦିରାଙ୍କ କାର୍ଯ୍ୟଧାରା ଦେଶକୁ ସୁଦୃଢ଼ କରିଥିଲା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପୀନାଥ ପାଢ଼ୀ, ସୁଦାମ ରାଉତ, ପବିତ୍ର ଦାସ ଓ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ଇନ୍ଦିରା ଦଳିତ, ନିଷ୍ପେଶିତ ଓ ସଂଖ୍ୟାଲଘୁମାନଙ୍କ ପାଇଁ ବହୁବିଧ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହ ବ୍ୟାଙ୍କ ଜାତୀୟ କରଣ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଇନ୍ଦିରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୀପଦାନ କରାଯାଇଥିଲା। ସଦସ୍ୟ ନଗେନ ବେହେରା ଧନ୍ୟବାଦ ଦେଇଥିଲେ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**ଧର୍ମଶାଳା,୩୧।୧୦(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ସିଦ୍ଧିପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସାରଥୀ ସାମନ୍ତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷାବିତ ଜଗନ୍ନାଥ ସାମନ୍ତରାୟଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇଥିଲେ। ମୁଖ୍ୟବକ୍ତା ଗୋବର୍ଦ୍ଧନ ସମ୍ପାଦକ ରମାକାନ୍ତ ଜେନା, ସମ୍ମାନିତ ଅତିଥି ପୂର୍ବତନ ଏମ୍‌ପି ରୀତା ତରାଇ, ବ୍ଲକ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି, ଜିଲାପରିଷଦ ସଭ୍ୟା ସ୍ମୃତିରେଖା ବେହେରା ଯୋଗଦେଇ ପ୍ରଧାନଶିକ୍ଷୟିତ୍ରୀ ସାମନ୍ତରାୟଙ୍କ ଆଦର୍ଶ ଶିକ୍ଷାକତା ଜୀବନ, କର୍ତ୍ତବ୍ୟ ପରାୟଣ ଓ ଛାତ୍ର ବତ୍ସଳ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ 'ସାର୍ଥକ ସାରଥୀ' ପତ୍ରିକାକୁ ଅତିଥି ଉନ୍ମୋଚନ କରିଥିଲେ। ସ୍କୁଲ୍‌ର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସିପ୍ରା ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ଉପଦେଷ୍ଟା ମଣ୍ଡଳି ସଦସ୍ୟ ଯତୀନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଣାପାଣୀ କଳାକୁଞ୍ଜର କଳାକାରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।

କାର୍ଯ୍ୟକ୍ରମରେ ଡା. ବିଜୟ କୁମାର ଶତପଥୀ, ଶିକ୍ଷକ ସଂଘନେତା ବିଭୁତି ଭୂଷଣ ପାଳ, ହୃଷୀକେଶ ସାମଲ, ବ୍ଲକ ଶିକ୍ଷକ ସଂଘ ସଭାପତି ଯୁଗଳ କିଶୋର ଦାସ, ପୂର୍ବତନ ସ୍କୁଲ୍ ଏସ୍‌ଆଇ ଶରତ ଶତପଥୀ, ସିଆର୍‌ସିସି ବୀରବର ସେନାପତି, ଅତିରିକ୍ତ ବିଇଓ ମମିତା ମହାନ୍ତି, ଶିକ୍ଷକ ମନୋଜ ରଣା, ସୁଲୋଚନା ଦାସ ଓ ବିପିନ ବିହାରୀ ସ୍ୱାଇଁ ପ୍ରମୁଖ ବହୁ ପୁରାତନ ଛାତ୍ରୀଛାତ୍ର,ଶିକ୍ଷକ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କ ଗୁଣାବଳି ବର୍ଣ୍ଣନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ରାଉତ, ମହେନ୍ଦ୍ର ସାହୁ, ବିଜୟ କର, ବ୍ରହ୍ମାନନ୍ଦ ଦାଶ, କୃଷ୍ଣଚନ୍ଦ୍ର ଜେନା ଓ ନଟବର ସାହୁଙ୍କୁ ବିଦ୍ୟାଳୟ ପକ୍ଷରୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ରୀଛାତ୍ର ଓ ବିଭିନ୍ନ ସ୍କୁଲର ଶିକ୍ଷକଙ୍କ ପକ୍ଷରୁ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂ. ଅୟସ କୁମାର ମହାପାତ୍ର, ଇଂ. ସ୍ୱର୍ଣ୍ଣଲତା ମହାପାତ୍ର ଓ ରୋଜାଲିନ ମହାପାତ୍ର ସହଯୋଗ କରିଥିଲେ। ଶିକ୍ଷକ ରଞ୍ଜନ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ପ୍ରତି ଘରକୁ ପାନୀୟ ଜଳ ଯୋଗାଣ ବିଳମ୍ବ

■ ଅଧପନ୍ତରିଆ ପ୍ରକଳ୍ପ କାର୍ଯ୍ୟ

■ ପାନୀୟ ଜଳରୁ ବହୁ ପରିବାର ବଞ୍ଚିତ

**ରସୁଲପୁର,୩୧।୧୦(ରଞ୍ଜିତ ରାଉତ)**

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ୨୮ ପଞ୍ଚାୟତରେ ୪୦ହଜାରରୁ ଊର୍ଦ୍ଧ୍ୱ ପରିବାରକୁ ପାନୀୟ ଜଳ ଯୋଗାଇବା ପାଇଁ ବିଭିନ୍ନ ପଞ୍ଚାୟତରେ ପାଣି ଟାଙ୍କି ନିର୍ମାଣ କରାଯାଉଛି । ଏଥି ପୂର୍ବରୁ ପାନୀୟଜଳ ଯୋଗାଇବା ପାଇଁ ଗାଁ ଗହଳିରେ ପାଇପ୍ ବିଛା କାମ ଆରମ୍ଭ କରାଯାଇଥିଲେ ମଧ୍ୟ ଅଧପନ୍ତରିଆ ଭାବେ ତାହା ଛାଡି ଦିଆଯାଇଛି । ଏ ଦିଗରେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଅଧିକାଂଶ ପରିବାର ପାନୀୟଜଳରୁ ବଞ୍ଚିତ ହେବେ ବୋଲି ଅଭିଯୋଗ ହେଉଛି । ଏ ନେଇ ବିଭିନ୍ନ ଅଞ୍ଚଳରେ ପିଇବା ପାଣି ସଂଯୋଗ କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ପଚାରିବାରୁ ବଳକା କାର୍ଯ୍ୟ ପଛରେ କରାଯିବ ବୋଲି କହିଛନ୍ତି । ତେବେ ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ ପକ୍ଷରୁ ସଂଯୋଗ କାର୍ଯ୍ୟକୁ ନିୟମିତ ତଦାରଖ କରାଯାଉ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ବିଭିନ୍ନ ସ୍ଥାନରେ ଲୋକମାନେ ଅଭିଯୋଗ କରିଛନ୍ତି । ଅଧିକାରୀଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁ ଠିକାଦାର ନିଜ ଇଚ୍ଛା ମୁତାବକ କାର୍ଯ୍ୟ ଜାରି ରଖିଛନ୍ତି । ଏଭଳି ସ୍ଥିତିରେ ୨୦୨୪ ସୁଧା ପ୍ରତ୍ୟେକ ଘରକୁ ପିଇବା ପାଣି ଯୋଗାଇବା ଲକ୍ଷ୍ୟ ସଫଳ ହେବ ନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । କେତେକ କ୍ଷେତ୍ରରେ ଠିକାଦାର ପକ୍ଷରୁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବାରୁ ଅବଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସରିବାକୁ ନେଇ ସାଧାରଣରେ ସଂଶୟ ସୃଷ୍ଟି ହେଉଛି।



ପାଇପ୍ ବିଛାଇବା ପାଇଁ ରାସ୍ତା ଖୋଳାଯାଇଛି।



ପାଇପ୍‌ବିଛା କାମ ଅଧାପନ୍ତରିଆ ଭାବେ ପଡ଼ିରହିଛି।

ସୂଚନା ଅନୁଯାୟୀ, ରସୁଲପୁର ବ୍ଲକ ଅଧୀନ ୨୪ଟି ପାଣି ଟାଙ୍କି ନିର୍ମାଣଧୀନ ଅବସ୍ଥାରେ ରହିଛି । ଟାଙ୍କି ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ଏଥିପୂର୍ବରୁ ପାଣି ଯୋଗାଣ ପାଇଁ ଗାଁ ରାସ୍ତା ତଳେ କଳା ରଙ୍ଗର ପାଇପ୍ ବିଛା କାର୍ଯ୍ୟ କରାଯାଇଥିଲା । ସେତେବେଳେ ଠିକାଦାର ଗାଁର ମୁଖ୍ୟରାସ୍ତା ତଳେ ପାଇପ୍ ବିଛାଇ ଚାଲି ଯାଇଥିଲେ । ଗ୍ରାମର ଗଳି, ସାହି, ବସ୍ତିରେ ଥିବା ଜନବସତିକୁ ପାଇପ୍ ବିଛା କାର୍ଯ୍ୟ ଆଜି ପର୍ଯ୍ୟନ୍ତ କରାଯାଇ ନାହିଁ। ପୂର୍ବରୁ ବିଛା ଯାଇଥିବା ପାଇପ୍‌ରୁ ରାସ୍ତା ପାର୍ଶ୍ୱରେ ଥିବା ଘରକୁ ପାଇପ୍ ସଂଯୋଗ ପାଇଁ ଲୋକଙ୍କଠାରୁ ଆଧାର କାର୍ଡ ସଂଗ୍ରହ କରାଯାଉଛି। ଏଥିସହ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ପରିବାରଗୁଡ଼ିକୁ ସର୍ଭିସ ପାଇପ୍ ଓ ଟ୍ୟାପ୍ ସଂଯୋଗ କରିବା କାର୍ଯ୍ୟ ଜାରି ରହିଛି । ଠିକାଦାରଙ୍କ ଏପରି କାର୍ଯ୍ୟରେ ବହୁ ପରିବାର ପିଇବା ପାଣିରୁ ବଞ୍ଚିତ ହେବେ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ପାନୀୟଜଳ ସଂଯୋଗ ହେଉ ନ ଥିବା ଜାଣି ଗଳିକନ୍ଦିରେ ବସବାସ କରୁଥିବା ପରିବାର ଲୋକେ ଜନପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରୁଛନ୍ତି । ଅପରପକ୍ଷେ ଠିକାଦାରମାନେ ସରପଞ୍ଚମାନଙ୍କୁ ସେମାନଙ୍କ କାର୍ଯ୍ୟର ବିବରଣୀ ସମ୍ପର୍କରେ ଅବଗତ ନ କରାଇ ପାଇପ୍ ସଂଯୋଗ କାର୍ଯ୍ୟ କରୁଥିବାରୁ ଏଭଳି ସ୍ଥିତି ଉପୁଜୁଛି ବୋଲି ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଅଭିଯୋଗ କରୁଛନ୍ତି। କେତେକ ସ୍ଥାନରେ ପାଣି ସଂଯୋଗ କାର୍ଯ୍ୟରେ ହେଉଥିବା ଅନିୟମିତତା ଓ ଅଧାପନ୍ତରିଆ ପାଇପ୍ ବିଛା କାର୍ଯ୍ୟକୁ ନେଇ ଆସୁଥିବା ଅଭିଯୋଗ ସମ୍ପର୍କରେ ଠିକାଦାରମାନଙ୍କୁ ଜନପ୍ରତିନିଧିମାନେ ପଚାରିବାରୁ ବାକି ଥିବା ପାଇପ୍ ବିଛା କାର୍ଯ୍ୟ ପଛରେ କରାଯିବ ବୋଲି କହି ଠିକାଦାମାନେ ସେମାନଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି । ଠିକାଦାରମାନଙ୍କ ଉପରେ ଅଙ୍କୁଶ ରହୁ ନ ଥିବାରୁ ପାଇପ୍ ବିଛା କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି । ପଞ୍ଚାୟତରେ ଜାରି ରହିଥିବା ପ୍ରକଳ୍ପଗୁଡ଼ିକର ଶେଷ ହେବା ରିପୋର୍ଟ ବିଭାଗକୁ ପ୍ରଦାନ ନ କରିବା ପର୍ଯ୍ୟନ୍ତ ଠିକାଦାରମାନଙ୍କୁ ସେମାନଙ୍କ ବିଲ୍ ପୈଠ ନ କରିବାକୁ ସରପଞ୍ଚମାନେ ଦାବି କରିଛନ୍ତି । ଏଥିରେ ବ୍ୟତିକ୍ରମ ଘଟିଲେ ସରପଞ୍ଚମାନେ ଆଇନର ସହାୟତା ନେବେ ବୋଲି ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ରସୁଲପୁର ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ସ୍ୱାଗତିକା ପଟ୍ଟନାୟକଙ୍କୁ ପଚାରିବାରୁ ସବୁ ପ୍ରକଳ୍ପ କାର୍ଯ୍ୟ ତଦାରଖ କରିବା ତାଙ୍କ ପକ୍ଷେ ସମ୍ଭବପର ହେଉନାହିଁ । ତଥାପି ସେ କେତେକ ସ୍ଥାନକୁ ଯାଇ କାର୍ଯ୍ୟକୁ ତଦାରଖ କରୁଛନ୍ତି । ଅଭିଯୋଗ ଆସୁଥିବା ସ୍ଥାନକୁ ଯାଇ ସେ ସ୍ଥିତି ପରଖିବା ପରେ ଠିକାଦାରକୁ ଆବଶ୍ୟକ ପରାମର୍ଶ ଦେଉଛନ୍ତି ବୋଲି କହିଛନ୍ତି ।

## ସଂକ୍ଷେପରେ

### ଜୁଆ ଆଡ୍ଡା ଉପରେ ଚଢ଼ାଉ, ୫ ଗିରଫ

**ମାର୍ଶାଘାଇ, ୩୧।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ) :** ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପୁର ଗାଁରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ତାସ ପତା, ନଗଦ ୧୯୨୦ ଟଙ୍କା ଓ ୩ଟି ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଥାନା ଅନ୍ତର୍ଗତ ଯଦୁପୁର ଗାଁର ଚନ୍ଦନ ବସନ୍ତିଆ, କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଭରତପୁର ଗାଁର ନିର୍ମଳ ମହାରଣା, ପାଟକୁରା ଥାନା ଅନ୍ତର୍ଗତ ଗୋଧାନ ଗାଁର ବିଶ୍ୱନାଥ ରାଉତ ଓ କୁଦାନଗରୀ ଥାନା ଅନ୍ତର୍ଗତ କରିଲୋପାଟଣା ଗାଁର ପ୍ରମୋଦ ମଲ୍ଲିକ ଓ ହେମନ୍ତ ମଲ୍ଲିକ। ସୋମବାର ସନ୍ଧ୍ୟାରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲା।

# କଣ୍ଡରାପାଟିଆରେ ସ୍ୱଚ୍ଛ ଭାରତ ମିଶନ ଫେଲ୍

- ବାଧକ ସାଜିଛି ବନାଞ୍ଚଳ ବିବାଦ
- ୧୦୦ରୁ ୧୬ ପରିବାରର ରହିଛି ପାଇଖାନା
- ୫୦୦ରୁ ଊର୍ଦ୍ଧ୍ୱ ଲୋକ ବାହାରେ କରୁଛନ୍ତି ମଳତ୍ୟାଗ

**କେନ୍ଦ୍ରାପଡ଼ା, ୩୧।୧୦(ଜଗନ୍ନାଥ ଧଳ)**

୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱଚ୍ଛ ଭାରତ ମିଶନ ଯୋଜନା ଘୋଷଣା କରିଥିଲେ। ଇତିମଧ୍ୟରେ ଏହି ଘୋଷଣାକୁ ୯ ବର୍ଷ ପୂରିଛି। ତେବେ କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଜମ୍ବୁ ପଞ୍ଚାୟତ ଅଧୀନ କଣ୍ଡରାପାଟିଆ ଗ୍ରାମରେ ଏହି ମିଶନ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଏହି ରାଜସ୍ୱ ଗ୍ରାମରେ ପ୍ରାୟ ୧୦୦ ପରିବାର ବସବାସ କରୁଥିବା ବେଳେ ଅଦ୍ୟାବଧି ମାତ୍ର ୧୬ଟି ପରିବାର ନିକଟରେ ପାଇଖାନା ରହିଛି। ଫଳରେ ୫୦୦ରୁ ଅଧିକ ଲୋକ ଖୋଲାରେ ମଳମୂତ୍ର ତ୍ୟାଗ କରୁଛନ୍ତି। ବନାଞ୍ଚଳ ବିବାଦ ଯୋଗୁ ଏହି ରାଜସ୍ୱ ଗ୍ରାମରେ ଉନ୍ନୟନ କାର୍ଯ୍ୟ ହୋଇପାରୁ ନ ଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମକୁ ଯିବା ଆସିବା ପାଇଁ ସ୍ଥାୟୀ ରାସ୍ତା ନ ଥିବା ବେଳେ ଉନ୍ନୟନ କାର୍ଯ୍ୟ ଅଗ୍ରଗତି ହୋଇପାରୁନାହିଁ। ବନ ବିଭାଗ ପକ୍ଷରୁ ଏହି ରାଜସ୍ୱ ଗ୍ରାମକୁ ସଂରକ୍ଷିତ ବନାଞ୍ଚଳ ଦର୍ଶାଇ ଉନ୍ନୟନ କାର୍ଯ୍ୟକୁ ବନ୍ଦ କରୁଛି। ଏପରିକି ପାଇଖାନା ନିର୍ମାଣକୁ ବିରୋଧ କରାଯାଉଥିବା ଅଭିଯୋଗ ହେଉଛି।

ଗ୍ରାମର ତପନ ମଜୁମ୍ଦାର କହିଛନ୍ତି ଯେ, ବହୁବର୍ଷ ହେବ ରାଜ୍ୟ ସରକାର କଣ୍ଡରାପାଟିଆକୁ ରାଜସ୍ୱ ଗ୍ରାମ ଭାବେ ସ୍ୱୀକୃତି ଦେଇଛନ୍ତି। ତେବେ ଏହି ଅଞ୍ଚଳବାସୀଙ୍କ ନିକଟରେ ଜମିପଟ୍ଟା ନାହିଁ। ଗ୍ରାମବାସୀ ଗୃହ ନିର୍ମାଣ କରିବା ଆରମ୍ଭ କଲେ ବନ ବିଭାଗ ଏହାକୁ ରୋକୁଛି। ଏପରିକି କେତେଜଣ ବ୍ୟକ୍ତି ଖରାବର୍ଷାରୁ ରକ୍ଷା ପାଇଁ ଚାଳଛପର କଲେ ମଧ୍ୟ ବିଭାଗୀୟ ଅଧିକାରୀ ଅଟକାଉଛନ୍ତି। ଏପରିସ୍ଥଳେ ପାଇଖାନା ନିର୍ମାଣ ଆମ ପାଇଁ ସ୍ୱପ୍ନ ହୋଇଛି। ହୃଷୀକେଶ ଧରା କହିଛନ୍ତି, କିଛି ମାସ ପୂର୍ବେ ଏଠାରେ ଘର ନିର୍ମାଣ ପାଇଁ ସେ ଚେଷ୍ଟା କରିଥିଲେ। ବନ ବିଭାଗ ବିରୋଧ ଯୋଗୁ ବନ୍ଦ ରହିଛି। ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ପ୍ରୟାସ ହୋଇଥିଲେ ମଧ୍ୟ ସମ୍ଭବ ହେଉନାହିଁ। ସ୍ଥାନୀୟ ନେତ୍ରୀ ପଞ୍ଚେଇ ମଣ୍ଡଳ କହିଛନ୍ତି, ବନ ବିଭାଗର ବିରୋଧ ଯୋଗୁ ପାଇଖାନା ଓ ଆବାସ ଗୃହ ନିର୍ମାଣ ହୋଇପାରୁନାହିଁ। ୧୦୦ରୁ ଊର୍ଦ୍ଧ୍ୱ ପରିବାର ଥିଲେ ମଧ୍ୟ ମାତ୍ର ୧୬ଟି ଘରେ ପାଇଖାନା ରହିଛି। ଗ୍ରାମର ଉନ୍ନୟନରେ ସମସ୍ୟା ସମ୍ପର୍କରେ ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଏହି ଗ୍ରାମରେ ସମସ୍ୟା ଥିବା ନେଇ ଅଭିଯୋଗ ମିଳିଛି। ଏଠାରେ ଉନ୍ନୟନ କାର୍ଯ୍ୟ ପାଇଁ ବନ ବିଭାଗ ସହ ବୈଠକ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ମହାକାଳପଡ଼ା ବନ ବିଭାଗ ରେଞ୍ଜ୍ ଅଧିକାରୀ କାର୍ତ୍ତିକ ଖଣ୍ଡେଇଙ୍କୁ ପଚାରିବାରେ ରାଜ୍ୟ ସରକାରଙ୍କ ୧୯୮୦ ମସିହା ବିଜ୍ଞପ୍ତି ଅନୁଯାୟୀ, କଣ୍ଡରାପାଟିଆ ରାଜସ୍ୱ ଗ୍ରାମ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି। ୧୯୭୦ରୁ ହେନ୍ତାଳବଣ ଘେରା ଏହି ଅଞ୍ଚଳରେ କେତେଜଣ ଅଧିବାସୀ ଜବରଦଖଲ କରି ଚାଷ କରିବା ସହ ଚିଙ୍ଗୁଡ଼ିଘେରି କରୁଛନ୍ତି। ଏଥିପାଇଁ ବନାଞ୍ଚଳ ନଷ୍ଟ ହେଉଛି। ଆଗାମୀ ଦିନରେ ଏହି ଅଞ୍ଚଳରେ ହେନ୍ତାଳବଣ ସୃଷ୍ଟି କରିବାକୁ ବନ ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଥିବା ବେଳେ ଜବରଦଖଲକାରୀଙ୍କୁ ହଟାଯିବା ଯୋଜନା ରହିଛି ବୋଲି ସେ କହିଛନ୍ତି।

# କର୍ମସ୍ଥାନରେ ଯୌନ ଉତ୍ପୀଡ଼ନର ପ୍ରତିରୋଧ ଉପରେ ସଚେତନତା



ପଟ୍ଟାମୁଣ୍ଡାଇ କୋର୍ଟ ତାଲୁକା ଆଇନ ସେବା ସମିତି ପକ୍ଷରୁ ସଚେତନତା କରାଯାଉଛି।

**ପଟ୍ଟାମୁଣ୍ଡାଇ ୩୧।୧୦(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ କୋର୍ଟ ତାଲୁକ ଆଇନ ସେବା ସମିତି ପକ୍ଷରୁ ତହସିଲ କାର୍ଯ୍ୟାଳୟରେ ଯୌନ ଉତ୍ପୀଡ଼ନର ପ୍ରତିରୋଧ ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଯୌନ ଉତ୍ପୀଡ଼ନର ପ୍ରତିରୋଧ ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ସିନିୟର ସିଭିଲ ଜଜ୍ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷା ସୁଶ୍ରୀ ସଙ୍ଗୀତା ମଲ୍ଲିକ ଯୋଗଦେଇ କହିଥିଲେ ଯେ, ନିଜ କର୍ମସ୍ଥାନକୁ ସ୍ୱର୍ଗ ବନାଇବାକୁ ହେଲେ ମହିଳାମାନଙ୍କ ପାଇଁ ଏକ ନିରାପଦ ଏବଂ ଅନୁକୂଳ କାର୍ଯ୍ୟ ପରିବେଶ ଆମକୁ ସୃଷ୍ଟି କରିବାକୁ ହେବ। ଭଗିନୀ-ଭାତୃତ୍ୱର ଭାବଧାରା ଭିତରେ ଦୈନନ୍ଦିନ କାର୍ଯ୍ୟ କରିଲେ ଯୌନ ଉତ୍ପୀଡ଼ନ ଅଭିଯୋଗର ହାର ହ୍ରାସ ପାଇବ ଏବଂ କର୍ମସ୍ଥଳରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଜେଏମ୍ଏଫ୍‌ସି ସମୀକ୍ଷା ମହାନ୍ତି ଓ ମୋନାଲିସା ପ୍ରଧାନ, ଅତିରିକ୍ତ ତହସିଲଦାର ଦିଲୀପ ନାୟକ, ବାର ଆସୋସିଏଶନ୍ ସଭାପତି ଆଇନଜୀବୀ ତପନ ମିଶ୍ର, ସମ୍ପାଦକ ରବୀନ୍ଦ୍ର ଦାଶ, ଭୀମସେନ ପ୍ରଧାନ, ଭବାନୀଶଙ୍କର ପଣ୍ଡା, ଅନନ୍ତ ଦାଶ, ଗୀତାଞ୍ଜଳି ପୃଷ୍ଟି, ପ୍ରବୀର ପାତ୍ର, ଜିତେନ୍ଦ୍ର ନନ୍ଦି, ବିଦ୍ୟାଧର ଦାଶ, ଶରତ ମଲିକ, ରଞ୍ଜିତା ଜେନା, ବବିତା ମଲିକ, ବନ୍ଦନା ପାତ୍ର, ସୁବ୍ରତ ପଣ୍ଡା, ସତ୍ୟନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଇନଜୀବୀ ଅଶ୍ୱୀନ ବେହେରା ଧନ୍ୟବାଦ ଦେଇଥିଲେ।

### ଠାକୁର ଅଭିରାମ ପରମହଂସ ଦେବଙ୍କ ଆଞ୍ଚଳିକ ଭକ୍ତ ଗୋଷ୍ଠୀ ସଭାପତିଙ୍କ ପରଲୋକ

**ରାଜନଗର, ୩୧।୧୦ (ଭାସ୍କର ରାଉତରାୟ):** ଜଗଦ୍‌ଗୁରୁ ଠାକୁର ଶ୍ରୀ ଶ୍ରୀଅଭିରାମ ପରମହଂସ ଦେବଙ୍କ ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀର ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ, ଅନନ୍ତ ଚରଣ ମହାନ୍ତି( ୮୭)ଙ୍କ ପରଲୋକ ହୋଇଯାଇଛି। ସେ ଶିକ୍ଷକତାରୁ ଅବସର ଗ୍ରହଣ କରିବା ପରେ ଠାକୁର ଅଭିରାମ ପରମହଂସ ଦେବଙ୍କ ସେବାରେ ନିଜକୁ ସମର୍ପିତ କରିଥିଲେ। ତାଙ୍କ ମାର୍ଗଦର୍ଶନରେ ରାଜନଗରରେ ରାଜ୍ୟସ୍ତରୀୟ ସନାତନ ଧର୍ମ ସମ୍ମିଳନୀ ହୋଇ ଆସୁଥିଲା। ରାଜନଗର ବ୍ଲକର କଣ୍ଡିରା ଗାଁରେ ତାଙ୍କର ପରଲୋକ ହୋଇଥିଲା। ସେ କଣ୍ଡିରା ବାସୁଦେବ ବିଦ୍ୟାପୀଠର ପ୍ରତିଷ୍ଠାତା ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ ତଥା ପୂର୍ବତନ ସମିତିସଭ୍ୟ ପ୍ରଭାତ କୁମାର ମହାନ୍ତି, ପୁତୁରା ବର୍ତ୍ତମାନର ସମିତିସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଖବରପାଇ ରାଜନଗର ବିଧାୟକ ଧ୍ରୁବ ସାହୁ ତାଙ୍କ ଶେଷ ଦର୍ଶନ କରିବା ସହ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ମୃତ୍ୟୁ ଖବରପାଇ ପଞ୍ଚାୟତର ସରପଞ୍ଚ ହେମଲତା ମାହୁନ୍ତ, ଅଭିରାମ ସେବାଶ୍ରମର ସେବକ ଅଭୟ ବାବା, ଅନ୍ତର୍ଯ୍ୟାମୀ ପରିଡା, ଦାଶରଥି ଲେଙ୍କା, କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ସାନବଡଗୋପାଳପୁର ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ସଂଘର ସମ୍ପାଦକ ବିଜୟ କୁମାର ଜେନା, କ୍ଷୀରୋଦ କୁମାର ମଲ୍ଲିକ, ସତ୍ୟବାଦୀ ଜେନା,କୃପାସିନ୍ଧୁ ସାମଲ, ଅନିଲ କୁମାର ବଳ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

# ସ୍କୁଲଘେରି ନେତାଜୀ କ୍ଲବ ଚାମ୍ପିୟନ

**ମହାକାଳପଡ଼ା, ୩୧।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

**ଗଜଲକ୍ଷ୍ମୀ ପୂଜା ଅବସରରେ ନୌକା ଚାଳନା ପ୍ରତିଯୋଗିତାରେ ୮ ଟିମ୍ ସାମିଲ**


ଜମ୍ବୁ- ମାର୍ଶାଘାଇ କେନାଲରେ ଅନୁଷ୍ଠିତ ନୌକା ଚାଳନା ପ୍ରତିଯୋଗିତା।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବଉଳକଣି ପଞ୍ଚାୟତ ସ୍ଥାନୀୟ ସ୍କୁଲ ଘେରି ଗ୍ରାମରେ ମା' ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନେତାଜୀ ୟୁନାଇଟେଡ କ୍ଲବ ପକ୍ଷରୁ ନୌକା ଚାଳନା ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ୮ ଟି ନୌକା ଚାଳନା ଟିମ ସାମିଲ ହୋଇଥିଲେ। ଚକଡା, ଚୁବି, ବନ୍ଧସାହି, କାଂଶାପାଳ, ସ୍କୁଲ ଘେରି, ଛପାଲି ଓ ଆମ୍ବ ବେଲାରୀ ଗ୍ରାମ ସମେତ ବିଭିନ୍ନ ଟିମ୍ ସାମିଲ ହୋଇଥିଲେ। ଅପରାହ୍ନରେ ଶେଷ ଫାଇନାଲ ପ୍ରତିଯୋଗିତାରେ ସ୍କୁଲ ଘେରି ଓ କାଂଶାପାଳ ମଧ୍ୟରେ ନୌକା ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥଲା। ଏହି ନୌକା ଚାଳନା ପ୍ରତିଯୋଗିତା ନିକଟ ଜମ୍ବୁ -ମାର୍ଶାଘାଇ କେନାଲ ମଧ୍ୟରେ ଛୋଟ ଛୋଟ ଡିଙ୍ଗିରେ ଆହୁଲା ମାରି ସ୍କୁଲ ଘେରି ନେତାଜୀ ୟୁନାଟେଡ କ୍ଲବ ପ୍ରତିଯୋଗୀ ଗ୍ରାମ ଶେଷରେ ସୀମା ଛୁଇଁ ବିଜୟୀ ହୋଇ ଥିଲେ। କାଂଶାପାଳ ପ୍ରତିଯୋଗୀ ମାନେ ରନର୍ସ ଅପ୍ ହୋଇଥିଲେ। ଶେଷରେ ମା' ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ଏକ ପୁରସ୍କାର ପ୍ରଦାନ ଉତ୍ସବରେ ବଉଳକଣି ସରପଞ୍ଚ ସାଲବେଗ ମାହାଳି ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କୁଲ ଘେରି ଚାମ୍ପିୟନ ଟିମକୁ ବିଜୟୀ ଟ୍ରଫି ଓ ରନର୍ସ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ନୌକା ଚାଳନା ପ୍ରତିଯୋଗିତାକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଲବର ସଭାପତି ଦିଲୀପ କୁମାର ମଣ୍ଡଳଙ୍କ ସମେତ କୃପାସିନ୍ଧୁ ହାଲଦାର, ଦିନଦୟାଲ ମଣ୍ଡଳ, ଖଗେନ ମିସ୍ତ୍ରି, ବିନୋଦ ମଣ୍ଡଳ, ତପନ ବୈଦ୍ୟ, ସୁଶାନ୍ତ ସର୍ଦ୍ଦାରଙ୍କ ସମେତ ସଦସ୍ୟମାନେ ସହଯୋଗ କରିଥିଲେ।

### ଗଜଲକ୍ଷ୍ମୀ ପୂଜା ଯୋଗୁ ପଟ୍ଟାମୁଣ୍ଡାଇ ଉତ୍ସବମୁଖର

**ପଟ୍ଟାମୁଣ୍ଡାଇ,୩୧।୧୦(କଳ୍ପତରୁ ନାୟକ):** ପଟ୍ଟାମୁଣ୍ଡାଇ ସହର ସମେତ ଗ୍ରାମାଞ୍ଚଳର ବିଭିନ୍ନ ଗାଁ ଗଜଲକ୍ଷ୍ମୀ ପୂଜା ଯୋଗୁ ଉତ୍ସବମୁଖର ହୋଇ ଉଠିଛି। ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଗୋଗୁଆ ବଜାର ୪ଟି ମେଢ଼, ପଟ୍ଟାମୁଣ୍ଡାଇ ବ୍ଲକ ରୋଡ୍, ବକ୍ତାରପୁର, ନରସିଂହପୁର ଓ ଶ୍ରୀରାମପୁର ପେଣ୍ଠପାଳ ଗୋଟିଏ ଲେଖାଏ ମେଢ଼ ସହ ମୂର୍ତ୍ତି ହୋଇ ପୂଜା ପାଉଛନ୍ତି। ଗଜଲକ୍ଷ୍ମୀ ପୂଜା ପାଇଁ ଗାଁ ଗହଳିର ପ୍ରତ୍ୟେକ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଦେଖିବାକୁ ମିଳିଛି। ବିଭିନ୍ନ ସାଜସଜ୍ଜା ସହ ପାରମ୍ପରିକ ରୀତିନୀତି ଅନୁଯାୟୀ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଚାଲିଛି। ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ମେଢ଼ ନିକଟରେ ଭଜନ କାର୍ଯ୍ୟକ୍ରମ ଚାଲୁରହିଛି। ମା' ଗଜଲକ୍ଷ୍ମୀ ପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇଆଇସି ରଞ୍ଜିତ ମହାନ୍ତି ଓ ଗ୍ରାମାଞ୍ଚଳ ଥାନା ଆଇଆଇସି ବାମଦେବ ନନ୍ଦ ବ୍ୟାପକ ବ୍ୟବସ୍ଥା କରିଛନ୍ତି।

# ରକ୍ତକର୍କଟରେ ପୀଡ଼ିତ ମହିଳାଙ୍କ ଚିକିତ୍ସାରେ ଅର୍ଥ ବାଧକ

**ପଟ୍ଟାମୁଣ୍ଡାଇ, ୩୧।୧୦(କଳ୍ପତରୁ ନାୟକ)**



ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ଗୋପ୍ତିରା ଗ୍ରାମର ଗରିବ ମହିଳା ସରସ୍ୱତୀ ବାଇ ଦୀର୍ଘଦିନ ହେବ ରକ୍ତ କର୍କଟରେ ପୀଡ଼ିତ ହୋଇ ଦୟନୀୟ ଭାବେ କାଳାତିପାତ କରୁଛନ୍ତି। ତାଙ୍କର ରହିବା ପାଇଁ ଭଲ ଘର ନାହିଁ କି ରୋଗ ଚିକିତ୍ସା ପାଇଁ ଆର୍ଥିକ ସମ୍ବଳ ନାହିଁ। ସ୍ୱାମୀ ଦହିବରା ବିକ୍ରିକରି ଯାହା ରୋଜଗାର କରନ୍ତି ସେଥିରେ ଉଭୟେ ସ୍ୱାମୀ ସ୍ତ୍ରୀ ଦୁଃଖେ କଷ୍ଟେ ଚଳିଯାଉଥିଲେ। କିନ୍ତୁ ସ୍ତ୍ରୀରୋଗରେ ପୀଡ଼ିତ ହେବା ଦିନଠୁ ସ୍ୱାମୀ ନିଜ ବୃତ୍ତିକୁ ଦୂରକରି ଘରେ ରହି ସେବା ସୁଶ୍ରୁଷା କରୁଛନ୍ତି। କଟକର ଏକ ଘରୋଇ ହସ୍ପିଟାଲରେ ସ୍ତ୍ରୀଙ୍କ ଚିକିତ୍ସା ହେଉଥିବାରୁ ଅର୍ଥ ବାଧକ ସାଜିଛି। ଗୋପ୍ତିରା ଗ୍ରାମବାସୀ ଦୁସ୍ଥ ପରିବାରକୁ ସହଯୋଗ କରିବା ସହ ସରସ୍ୱତୀଙ୍କ ଚିକିତ୍ସା ନିମନ୍ତେ ଉଭୟ ସରକାରୀ ଓ ବେସରକାରୀ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

# ଗଜଲକ୍ଷ୍ମୀ ପୂଜା: ଡେରାବିଶର ପଲ୍ଲୀ ରଘୁନାଥପୁର ଗାଁ ଚଳଚଞ୍ଚଳ

**ଡେରାବିଶ, ୩୧।୧୦(ବେବର୍ତ୍ତା ଅଜୟ ଦାସ)**


ସିଂହସାହି ପୂଜାମଣ୍ଡପ, ପଲ୍ଲୀ ରଘୁନାଥପୁର

କୁମାର ପୂର୍ଣ୍ଣିମା ଅବସରରେ ଡେରାବିଶ ବ୍ଲକ ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା ଶନିବାର ଆରମ୍ଭ ହୋଇଛି। ଏହି ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରେ ୭୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀ ପୂଜା ପାଉଛନ୍ତି। ଦୀର୍ଘବର୍ଷ ଧରି ମା' ଗଜଲକ୍ଷ୍ମୀଙ୍କ ପୂଜା ଡେରାବିଶର ବିଭିନ୍ନ ଗ୍ରାମରେ ଗଣପର୍ବରେ ପରିଣତ ହୋଇଛି। ତେବେ ବ୍ଲକ୍ ଅଧୀନ ନହଙ୍ଗ ପଞ୍ଚାୟତ ପଲ୍ଲୀ ରଘୁନାଥପୁର ଗ୍ରାମଟି ଏହି ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି। ଗ୍ରାମରେ ସମୁଦାୟ ୭ଟି ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀ ପୂଜା ପାଉଛନ୍ତି। ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପୂଜା ଉତ୍ସବ ଗ୍ରାମ ପାଇଁ ଏକ ପର୍ବରେ ପରିଣତ ହୋଇଛି। ଏହି ଗ୍ରାମର ଷଣ୍ଢବଜାର, ଜେନାସାହି, ସିଂହସାହି, ଶାନ୍ତି କମିଟି, ପାଟଣାସାହି, ପାଟଣା ଦଳିତ ସାହି ଓ ସେଠୀସାହିରେ ଏହି ପୂଜା ଧୁମଧାମରେ ପାଳିତ ହେଉଛି। ଦୀର୍ଘବର୍ଷ ଧରି ଅନୁଷ୍ଠିତ ହେଉଥିବା ଏହି ପୂଜା ପାଇଁ ବାହାରେ ରହୁଥିବା ଗ୍ରାମର ବ୍ୟକ୍ତିମାନେ ନିଜର ଛୁଟି ନେଇ ଗ୍ରାମକୁ ଚାଲି ଆସିଥାନ୍ତି। ପ୍ରତ୍ୟେକ ପରିବାର ମଧ୍ୟରେ ବନ୍ଧୁବାନ୍ଧବଙ୍କ ଆଗମନ ହୋଇଛି। ମଣ୍ଡପଗୁଡ଼ିକ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭଜନ କୀର୍ତ୍ତନ ମଧ୍ୟ ପରିବେଷଣ କରାଯାଉଛି। ସୁସଜ୍ଜିତ ତୋରଣ, ରଙ୍ଗବେରଙ୍ଗର ଆଲୋକମାଳା ଗାଁ ଦାଣ୍ଡକୁ ଅଧିକ ଉଜ୍ଜ୍ୱଳ କରିଛି। ଏହି ପୂଜା ପାଇଁ ଗ୍ରାମର ସାମାଜିକ ସମ୍ପର୍କ ମଧ୍ୟ ସୁଦୃଢ଼ ହୋଇଛି ବୋଲି ଗ୍ରାମର ସସ୍ମିତା ମହାନ୍ତି ପ୍ରକାଶ କରିଛନ୍ତି। ସେହିପରି ଗ୍ରାମର ଗୋବିନ୍ଦ ରାୟ, ଅକ୍ଷୟ ବାରିକ ପୂଜା ଅନୁଷ୍ଠିତ ହେବା ଦିନଠାରୁ ଗ୍ରାମର ବହୁ ସମୃଦ୍ଧି ହୋଇଛି ବୋଲି କହିଛନ୍ତି। ଉକ୍ତ ପୂଜା ହେବା ଦ୍ୱାରା ଗ୍ରାମ ମଧ୍ୟରେ ଭାଇଚାରା ସମ୍ପର୍କ ଅଧିକ ସୁଦୃଢ଼ ହୋଇଛି। ୭ଦିନ ଧରି ହେବାକୁ ଥିବା ଏହି ପୂଜା ଶୁକ୍ରବାର ଶେଷ ହେବ।

### ମାର୍ଶାଘାଇରେ ୯ ଦିନ ଧରି ଚାଲିବ ଗଜଲକ୍ଷ୍ମୀ ପୂଜା

**ମାର୍ଶାଘାଇ,୩୧।୧୦(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):** ମାର୍ଶାଘାଇ ଅଞ୍ଚଳରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ୯ ଦିନ ଧରି ଚାଲିବ। ମାର୍ଶାଘାଇ ଲକ୍ ଛକ, ହାଟ ଭିତର, ବନମାଳୀ ଛକ, ଜୁଣ ଛକରେ ମା' ଗଜଲକ୍ଷ୍ମୀଙ୍କ ପୂଜା କରାଯାଉଛି। ମାର୍ଶାଘାଇରେ ଅନନ୍ତଶୟନ ଓ ବନ୍ଧସାହିରେ ସଙ୍କଟମୋଚନ ହନୁମାନଙ୍କ ମୂର୍ତ୍ତି ପୂଜା ହେଉଛି। ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକମାଳା ବେଶ୍ ମନଲୋଭା ହୋଇଛି। ଉଠାଦୋକାନୀ ନିଜ ନିଜ ପସରା ମେଲାଇ ବିଭିନ୍ନ ଢଙ୍ଗରେ ଗ୍ରାହକଙ୍କୁ ଆକୃଷ୍ଟ କରୁଥିବା ଦେଖିବାକୁ ମିଳୁଛି। ସନ୍ଧ୍ୟାରେ ମା'ଙ୍କ ଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଲୋକଙ୍କ ଭିଡ଼ ଲାଗି ରହୁଛି। ଶାନ୍ତିଶୃଙ୍ଖଳା ପାଇଁ ମାର୍ଶାଘାଇ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କୁମାର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଏହି ପୂଜା ୯ ଦିନ ଧରି ଚାଲିବ। ସେହିପରି ବ୍ଲକର କଷଟି, ଦରବଛା, ବାହାକାଣ୍ଡିଆ, ଶିଳିପୁର, ଯମପଡ଼ା, ନାଛିପଡ଼ା, ମଙ୍ଗରାଜପୁର, ହଳଦିଆ, ଗରଜଙ୍ଗା, କୁଆଁରପାଳ, ବଡ଼ପାଳ ଗଡ଼ା, ତାଳସଙ୍ଗା, ପେଣ୍ଠ ବାଲିକୁଦା, ଅଙ୍ଗୁଳାଇ, ବଟିରା ଓ ନେମ୍ବରାରେ ମା'ଙ୍କ ପୂଜାର୍ଚ୍ଚନା ଯଥାରୀତିରେ ଚାଲିଛି।

# ରୋଗ ବିଛଣାରେ ୨୩ ବର୍ଷର ଛାତ୍ର ରାଜକୁମାର

**ଆଳି,୩୧।୧୦(ବନମାଳୀ ସେନାପତି)**


ଛାତ୍ର ରାଜକୁମାରଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

ଯେଉଁ ବୟସରେ ପାଠପଢି ନିଜ ଭବିଷ୍ୟତ ଗଢିବା ନିମନ୍ତେ ସ୍ୱପ୍ନ ଦେଖିଥାନ୍ତା ସେହି ସମୟରେ ରୋଗ ବିଛଣାରେ ପଡ଼ିଛନ୍ତି ଆଳି ମହାଦେଈପାଟଣା ଗ୍ରାମର ଯୁକ୍ତ ୨ ଛାତ୍ର ରାଜ କୁମାର ସାହୁ। ରାଜ କୁମାରଙ୍କ ଫୁସ୍‌ଫୁସରେ ଟ୍ୟୁମର ହୋଇଥିବାରୁ ସେ ଦୀର୍ଘ ୯ ମାସ ହେବ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିବା ବେଳେ ଏବେ ଅପରେଶନ ନିମନ୍ତେ ଦିଲ୍ଲୀ ଏମ୍ସକୁ ଯିବାକୁ ପଡିବ ଡାକ୍ତର କହିବା ପରେ ପରିବାର ମୁଣ୍ଡରେ ଚଡ଼କ ପଡିଛି। ରାଜ କୁମାରଙ୍କ ପରିବାର ଲୋକ ଏବେ ଚିନ୍ତାରେ ପଡିଛନ୍ତି। କେମିତି ତାଙ୍କୁ ନେଇ ଦିଲ୍ଲୀରେ ଚିକିତ୍ସା କରିବେ। କାରଣ ତାଙ୍କ ଚିକିତ୍ସା ଲାଗି ଅର୍ଥର ଆବଶ୍ୟକତା ଦେଖାଦେଇଛି। ସରକାରୀ ସହାୟତା ଅପେକ୍ଷାରେ ପୂରା ପରିବାର ଥିବାବେଳେ କିଛିଦିନ ପୂର୍ବେ 'ଆସ ଖୁସି ବାଣ୍ଟିବା' ଅନୁଷ୍ଠାନ ସହଯୋଗର ହାତ ବଢାଇଥିବା ବେଳେ ନମୋଜାର ସହଦେବ ଦାସ ସେବା ସଂସ୍ଥା ପକ୍ଷରୁ ସମ୍ପାଦକ ବୀରେନ୍ଦ୍ର କୁମାର ପଣ୍ଡା, ସଭାପତି ବାମନ ଚରଣ ବେହେରା, କୋଷାଧ୍ୟକ୍ଷ ମଧୁସୂଦନ ଦାସ ଓ ବିନୋଦ ଚନ୍ଦ୍ର ଦାଶ ପ୍ରଭୃତି ତାଙ୍କ ଘରେ ପହଞ୍ଚି ପିଲାର ଅଧିକ ଚିକିତ୍ସା ପାଇଁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। କଳଦିଆ ଗ୍ରାମର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ମ୍ୟାନେଜର ଚକ୍ରଧର ଦାଶ ମଧ୍ୟ ୫ ହଜାର ଟଙ୍କା ସହାୟତା କରିଛନ୍ତି। ସୂଚନାଯୋଗ୍ୟ, ମହାଦେଈପାଟଣାର ଅଞ୍ଜନଙ୍କ ୨୩ ବର୍ଷର ପୁଅ ରାଜକୁମାର ଦାଣ୍ଡିସାହିରେ ଥିବା ବ୍ରାହ୍ମଣୀ କଲେଜରେ ଯୁକ୍ତ୨ ପାଠ ପଢୁଥିବା ବେଳେ ଜାନୁୟାରୀ ଶେଷ ସପ୍ତାହରେ ହଠାତ ଜ୍ୱର ହୋଇଥିଲା। ନିକଟରେ ଥିବା ଦୋକନରୁ ଔଷଧ ଆଣି ଖାଇଥିଲେ। କିନ୍ତୁ ଜ୍ୱର କମି ନ ଥିଲା। ପରେ ପରିବାର ଲୋକ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ଦେଖାଇବା ସହ ରକ୍ତ ପରୀକ୍ଷା କରିଥିଲେ। ମାତ୍ର କିଛି ଜଣାପଡ଼ି ନ ଥିଲା। କିଛିଦିନ ଔଷଧ ଖାଇବା ପରେ ହଠାତ୍ ଦିନେ ରାତିରେ ଛାତିରେ ପ୍ରବଳ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ନେଇ ଟେଷ୍ଟ କରିବା ପରେ ଛାତିରେ ପାଣି ଜମିଥିବା ଜଣାପଡିଥିଲା। ସେଠାରେ କେବଳ ଛାତିରୁ ପାଣି କାଢିବା ପରେ ସପ୍ତାହେ ପର୍ଯ୍ୟନ୍ତ ରଖି ଅଧିକ କିଛି ଚିକିତ୍ସା ନ କରିବାରୁ ରାଜ କୁମାରଙ୍କୁ ଭୁବନେଶ୍ୱର ଏମ୍ସକୁ ପରିବାର ଲୋକେ ନେଇ ଯାଇଥିଲେ। ଏମ୍ସରେ ଦୀର୍ଘ ୯ ମାସ ହେବ ଚିକିତ୍ସା ହେଉଛନ୍ତି। ରାଜକୁମାରଙ୍କ ବାପା ଜଣେ ଦିନମଜୁରିଆ ହୋଇଥିବା ବେଳେ ଯାହା କିଛି ସଞ୍ଚିତ ଅର୍ଥ ତାଙ୍କ ନିକଟରେ ଥିଲା ତାହା ତାଙ୍କ ଚିକିତ୍ସାରେ ସରିଯାଇଛି। ତାଙ୍କୁ ଦିଲ୍ଲୀ ନେଇ ଚିକିତ୍ସା କରାଇବା ନିମନ୍ତେ ପରିବାର ପକ୍ଷେ ଅସମ୍ଭବ ହୋଇପଡିଛି। ତେଣୁ ପରିବାର ଲୋକ ରାଜ କୁମାରଙ୍କ ଚିକିତ୍ସା ନିମନ୍ତେ ସରକାରୀ ଓ ବେସରକାରୀ ସ୍ତରରେ ସହଯୋଗ ଅପେକ୍ଷାରେ ରହିଛନ୍ତି।

# ଗାଁଠୁ ସହରରେ ଚାଲିଛି ଚୋରା ନିଶା କାରବାର

**ପଟ୍ଟାମୁଣ୍ଡାଇ, ୩୧।୧୦(କଳ୍ପତରୁ ନାୟକ)**

- ସନ୍ଧ୍ୟା ହେଲେ ଛକରେ ଚାଲୁଛି ମଦର ଆସର
- ସବୁ ଜାଣି ବିଭାଗ ନୀରବ



ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ କାର୍ଯ୍ୟାଳୟ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦିନକୁ ଦିନ ଚୋରା ନିଶା କାରବାର ବଢ଼ି ଚାଲିଛି। ଗାଁଠାରୁ ସହର ପର୍ଯ୍ୟନ୍ତ ଚାରିଆଡ଼େ ଛାତ୍ରୀଛାତ୍ରଙ୍କଠାରୁ ସାଧାରଣ ଲୋକଙ୍କ ଏଥିଯୋଗୁ ପ୍ରଭାବିତ ହେଉଛନ୍ତି। ଏ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଆଇନଜୀବୀ ସୌମ୍ୟରଞ୍ଜନ ଧଳ କହିଛନ୍ତି, ଅବକାରୀ ବିଭାଗ କାର୍ଯ୍ୟାଳୟ ନିକଟରେ ସନ୍ଧ୍ୟା ହେଲେ ଖୁଲମଖୁଲା ମଦ ଆସର ଜମୁଛି। ଏହାଦ୍ୱାରା ଏହି ରାସ୍ତାଦେଇ ସ୍କୁଲ, କଲେଜ ଛାତ୍ରୀଛାତ୍ର, ମହିଳା, ଝିଅଙ୍କ ସମେତ ସାଧାରଣ ଲୋକ ଯାତାୟାତ କରିବାକୁ ଡରୁଛନ୍ତି। ଅନ୍ୟପକ୍ଷରେ ବଜାରରେ ଥିବା ମଦଦୋକାନ ରାସ୍ତାରେ ମଦ୍ୟପମାନେ ପ୍ରତ୍ୟହ ମଦ ପିଇବା ପରେ ବୋତଲ, ପ୍ଲାଷ୍ଟିକ ଗ୍ଲାସ୍ ଓ ଖାଦ୍ୟ ଖାଉଥିବା ଆମିଷ ପ୍ଲେଟ୍‌ଗୁଡିକୁ ପାଖରେ ଯେଉଁଠି ପାରୁଛନ୍ତି ଫିଙ୍ଗୁଛନ୍ତି। ଫଳରେ ରାସ୍ତାପାର୍ଶ୍ୱ, କ୍ୟାବିନ୍ ତଳ ଓ କେନାଲରେ ଏଗୁଡିକ ଅସ୍ୱାଭାବିକ ପରିବେଶ ସାଙ୍ଗକୁ ବିପଦ ସୃଷ୍ଟି କରୁଛି। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ବଜାରରେ ୨ଟି ସରକାରୀ ମଦ ଦୋକାନ ଥିବା ବେଳେ ଗ୍ରାମାଞ୍ଚଳରେ ୭ ଟି ମଦ ଦୋକାନ ଅଛି। ପ୍ରତ୍ୟହ ଏହି ଦୋକାନଗୁଡ଼ିକରୁ ପେଟି ପେଟି ମଦ ଚୋରା ଚାଲାଣ ହେଉଛି। କିଛିଦିନ ପୂର୍ବରୁ ଅବକାରୀ ବିଭାଗ ଇନ୍ସପେକ୍ଟର ଏ ସମ୍ପର୍କରେ ସୂଚନା ପାଇ ଚୋରା ଚାଲାଣର ଗୁମର ଖୋଜିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ତାହା ଫସରଫାଟିଯାଇଥିଲା। କାରଣ ବିଭାଗୀୟ କେତେଜଣ କନଷ୍ଟେବଲ ଓ ଅନ୍ୟମାନେ ସହଯୋଗ କରି ନ ଥିବା ଜଣାପଡ଼ିଛି। ଅସହଯୋଗ କରିଥିବା ଅବକାରୀ କର୍ମଚାରୀମାନେ ସମ୍ପୃକ୍ତ ମଦଦୋକାନୀଙ୍କଠାରୁ ମାସିକ ଚାନ୍ଦା ନେଉଥିବାରୁ ଚଢ଼ାଉରେ ସାମିଲହେବାକୁ ଚାହିଁ ନ ଥିବା କୁହାଯାଇଛି। ଅନ୍ୟପକ୍ଷେ ମଦ ଦୋକାନୀ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ଚୋରା ଚାଲାଣ ସମ୍ପର୍କିତ ଅଭିଯୋଗ ଉପରେ ଘଣ୍ଟ ଘୋଡ଼ାଇବାକୁ ଉଦ୍ୟମ କରାଯାଇଥିବା ଚର୍ଚ୍ଚା ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ବୁଦ୍ଧିଜୀବୀ ପ୍ରମୋଦ ସାହୁ କହିଛନ୍ତି, ଗ୍ରାମାଞ୍ଚଳ ବା ସହରାଞ୍ଚଳ ହେଉ ବିଭିନ୍ନ ସ୍ଥାନରେ ଗଞ୍ଜେଇ ଓ ବ୍ରାଉନସୁଗାର ଚୋରା କାରବାର ମଧ୍ୟ ବଢ଼ି ଚାଲିଛି। ହାଇସ୍କୁଲଠାରୁ କଲେଜ ପର୍ଯ୍ୟନ୍ତ ଅନେକ ଛାତ୍ରୀଛାତ୍ର ଏହି ନିଶା କବଳରେ ପଡୁଛନ୍ତି। ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଥିଲେ ମଧ୍ୟ ତାହା ସନ୍ତୋଷଜନକ ହେଉନାହିଁ। ମୋଟାମୋଟି ଭାବେ କହିବାକୁ ଗଲେ ଚୋରା ଚାଲାଣ ଉପରେ ଅଙ୍କୁଶ ନ ଲାଗିବା ପର୍ଯ୍ୟନ୍ତ ଦେଖା ଦେଇଥିବା ଅଭାବନୀୟ ପରିସ୍ଥିତିରେ ସୁଧାର ଆସିବ ନାହିଁ। ଅତୀତରେ ବହୁ ସଙ୍ଗଠନ ପକ୍ଷରୁ ଏହାକୁ ବିରୋଧକରି ରାଜରାସ୍ତାକୁ ଓହ୍ଲାଇଥିଲେ। ଚୋରା ମଦ କାରବାରକୁ ନେଇ ସରକାରୀ ଉଦାସୀନତାକୁ ଦାୟୀ କରିଥିଲେ। ନିଶା କବଳରେ ପଡ଼ି ବହୁ ଯୁବଗୋଷ୍ଠୀ ପଥଚ୍ୟୁତ ହେବାରେ ଲାଗିଛନ୍ତି। ଦେଶୀ, ବିଦେଶୀ ମଦ, ବ୍ରାଉନସୁଗାର, ଗଞ୍ଜେଇ ଓ ଅଫିମ ଆଦି ଗାଁ ଗହଳିରେ ଚୋରାରେ ବହୁଳ ଭାବେ ବିକ୍ରି ଚାଲିଛି। ଏଥିଯୋଗୁ ବହୁ ଲୋକ ଅସୁସ୍ଥ ହେବା ସହ ମୃତ୍ୟୁବରଣ କରୁଛନ୍ତି। ତେଣୁ ଚୋରା ମାଦକଦ୍ରବ୍ୟ କାରବାର ଉପରେ ଯଥାଶୀଘ୍ର ଅଙ୍କୁଶ ଲଗାଯିବା ପାଇଁ ସେମାନେ ଦାବି ମଧ୍ୟ କରିଥିଲେ। ଏ ସମ୍ପର୍କରେ ଅବକାରୀ ଇନସ୍ପେକ୍ଟର କମଳ ପାଇକରାୟଙ୍କୁ ପଚାରିବାରେ ଚୋରା ମଦ କାରବାର ରୋକିବାକୁ ଉଦ୍ୟମ ଜାରି ରହିଛି। ଆଗକୁ ଏହାକୁ ଅଧିକ କ୍ରିୟାଶୀଳ କରାଯିବ। ମଦ ଦୋକାନ ନିକଟରେ ଖୁଲମଖୁଲା ମଦ ଆସର ବସୁଥିବା ଓ ବୋତଲ ଆଦି ଫିଙ୍ଗା ଯାଉଥିବା ଅଭିଯୋଗ ଉପରେ ଅନୁଧ୍ୟାନ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଟ୍ରାକ୍ଟର-ବାଇକ୍ ମୁହାଁମୁହିଁ ଧକ୍କା, ଯୁବକ ମୃତ

ଚିକିଟି,୩୧।୧୦(ପ୍ରକାଶ ଚନ୍ଦ୍ର ସାହୁ) ଚିକିଟି ଫାଣ୍ଡି ଅନ୍ତର୍ଗତ ରାମଚନ୍ଦ୍ରପୁର ଛକ ନିକଟରେ ମଙ୍ଗଳବାର ଟ୍ରାକ୍ଟର ଓ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚିକିଟି ବ୍ଲକ ଅନ୍ତର୍ଗତ ବଡପଲଙ୍କ ଗ୍ରାମର ସଂଗ୍ରାମ ପ୍ରଧାନ (୨୪)। ସଂଗ୍ରାମ ନିଜ ଗ୍ରାମରୁ ସମ୍ପର୍କୀୟଙ୍କ ବାଇକରେ ବସି ଭାୟା ଧାନଗର ଦେଇ ରାମଚନ୍ଦ୍ରପୁର ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଲି ବୋଝେଇ ଟ୍ରାକ୍ଟର ରାମଚନ୍ଦ୍ରପୁର ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ ଆରୋହୀ ରାସ୍ତାକଡ଼କୁ ଛିଟିକି ପଡି ଆହତ ହୋଇଥିବା ବେଳେ ବାଇକ ପଛରେ ବସିଥିବା ସଂଗ୍ରାମଙ୍କ ମୃତ୍ୟୁ ଘଟିଛି।

### ଆରଟିଓ ଚେକିଂ ବେଳେ ଓଲଟିଲା ଟ୍ରକ୍

ଛତ୍ରପୁର,୩୧।୧୦ (ଦିଲ୍ଲୀପ ସାମଲ): ଆରଟିଓ ଚେକିଂ ବେଳେ ଚମାଖଣ୍ଡି ଥାନା ଅନ୍ତର୍ଗତ ସୀତାରାମପୁର ନିକଟ ଜାତୀୟ ରାଜପଥରେ ଓଲଟି ପଡ଼ିଲା କିରାଣା ସାମଗ୍ରୀ ବୋଝେଇ ଟ୍ରକ। ସୋମବାର ବିଳମ୍ବିତ ରାତିରେ ଆରଟିଓ ଏମଫୋର୍ସମେଣ୍ଟ ଗାଡି ଚେକିଂ କରୁଥିବା ବେଳେ ହଠାତ ଏକ କାର ବ୍ରେକ ମାରିବାରୁ କାର ପଛରେ ଆସୁଥିବା କିରାଣା ସାମଗ୍ରୀ ବୋଝେଇ ଟ୍ରକଟି ଟି ଓଲଟି ପଡ଼ିଥିଲା। ଘଟଣା ସ୍ଥଳରେ ଚମାଖଣ୍ଡି ଥାନା ପୋଲିସ ଓ ଏନଏଚଏଆଇ ପହଞ୍ଚି ଟ୍ରକରୁ ସାମଗ୍ରୀ ବାହାର କରୁଥିବା ବେଳେ ଆରଟିଓର ଏନଫୋର୍ସମେଣ୍ଟ ଟିମ ଘଟଣା ସ୍ଥଳରୁ ପଳାଇଯାଇଥିଲା। ଟ୍ରକରେ ଥିବା ପ୍ରାୟ ୮ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଥିବା ବେଳେ ଡ୍ରାଇଭର ସାଗର ନାୟକ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

### ଗଜପତି ଜିଲ୍ଲାକୁ ମରୁଡ଼ି ପ୍ରଭାବିତ ଘୋଷଣା ପାଇ ବିଧାୟକଙ୍କ ଚିଠି

ପାରଳାଖେମୁଣ୍ଡି, ୩୧।୧୦ (ଗିରିଧାରୀ ପରିଛା): ଗଜପତି ଜିଲାରେ ପ୍ରାୟ ଗତ ଦୁଇ ମାସ ହେଲାଣି ବର୍ଷା ହଜିଯାଇଥିବା ଯୋଗୁଁ ଚାଷୀ ଓ ଚାଷ ଅବସ୍ଥା ଚିନ୍ତାଜନକ। ଜିଲାର ମୁଖ୍ୟତଃ କାଶୀନଗର, ଗୋଷାଣୀ, ଗୁମା ବ୍ଲକରେ ଚାଷୀ ଧାନ ଚାଷ କରୁଥିବା ବେଳେ ଏଠାରେ କୌଣସି ବଡ଼ ଜଳ ଉତ୍ସ ନଥିବା ଯୋଗୁଁ ଚାଷୀ ସବୁବେଳେ ବର୍ଷା ଜଳକୁ ହିଁ ନିର୍ଭର କରିଥାଏ। କିନ୍ତୁ ଚଳିତ ବର୍ଷ ଆବଶ୍ୟକୀୟ ପରିମାଣର ବର୍ଷା ନ ହେବାରୁ ଜମିରେ ଫାଟ ସୃଷ୍ଟି ହେଲାଣି। ଫସଲ ସବୁ ଜଳ ଅଭାବରୁ ନଷ୍ଟ ହେବାକୁ ଯାଉଛି। ତେଣୁ ପାରଳା ବିଧାୟକ କେ. ନାରାୟଣ ରାଓ ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ପତ୍ର ମାଧ୍ୟମରେ ଜଣାଇବା ସହ ଜିଲାକୁ ମରୁଡି ପ୍ରଭାବିତ ଅଞ୍ଚଳ ଘୋଷଣା କରିବାକୁ ଅନୁରୋଧ କରିଛନ୍ତି।

### ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଗଞ୍ଜାମ,୩୧।୧୦(ବିଦ୍ୟାଧର ସାହୁ): ଗଞ୍ଜାମ ଏନ୍‌ଏସିର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅପର୍ଣ୍ଣା ଡାଙ୍ଗୁଆ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ରଣପୁର ଏନଏସିରେ ଇଓ ଭାବେ ଦାୟିତ୍ୱ ତୁଲାଉଥିଲେ। ପୂର୍ବରୁ ଏହି ଏନ୍‌ଏସିର ଇଓ ଅବିନାଶ ମିଶ୍ର ଅତିରିକ୍ତ ତହସିଲଦାର ଭାବେ ପଦୋନ୍ନତି ପରେ ଛତ୍ରପୁର ଇଓ ଦାୟିତ୍ୱରେ ଥିଲେ। ନୂତନ ଇଓ ଡାଙ୍ଗୁଆ ଦାୟିତ୍ୱ ନେବା ପରେ ଏନ୍‌ଏସି ସମସ୍ତ କର୍ମଚାରୀ ସ୍ୱାଗତ ଜଣାଇଥିଲେ। ଇଓଙ୍କ ଦାୟିତ୍ୱ ଗ୍ରହଣ ବେଳେ ଏକାଉଣ୍ଟାଟ ଦୀପ୍ତି ରଞ୍ଜନ ପୃଷ୍ଟି, କନିଷ୍ଠ ଯନ୍ତ୍ରୀ ମନାସ ରଞ୍ଜନ ପଣ୍ଡା, ମୁଖ୍ୟ ଅଧିକାରୀ ଚିନ୍ମୟ ପୃଷ୍ଟି, ସାନିଟେସନ ଏକ୍ସପଟ ସୁମିତ ବେହେରା, ସିଏମଏମ ଭାଗ୍ୟଶ୍ରୀ ନାୟକ, ସିଓ ସ୍ୱପ୍ନା ରାଣୀ ମହାପାତ୍ର, ମହିଳା କନିଷ୍ଠ ଯନ୍ତ୍ରୀ ବିଷ୍ଣୁ ପ୍ରିୟା ସାବତ ପ୍ରମୁଖ ଉପସ୍ଥିତ ଥିଲେ।

### ସମବାୟ ବ୍ୟାଙ୍କ ସଭାପତିଙ୍କ ବିୟୋଗରେ ସ୍ମୃତିସଭା

ପାରଳାଖେମୁଣ୍ଡି, ୩୧।୧୦(ଗିରିଧାରୀ ପରିଛା) ପାରଳାଖେମୁଣ୍ଡି ରାଜନଅର ନିକଟରେ ଥିବା ସହରାଞ୍ଚଳ ସମବାୟ ବ୍ୟାଙ୍କ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଆୟୋଜନ ହୋଇଯାଇଛି। ବ୍ୟାଙ୍କ ପରିଚାଳନା ବୋର୍ଡର ସଭାପତି ଏନ.ଶଙ୍କର ରାଓଙ୍କ ଅକାଳ ବିୟୋଗରେ ଆୟୋଜିତ ଏହି ଶୋକସଭାରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ, ସମବାୟ ବିଭାଗ ଅଧିକାରୀମାନେ ଶୋକ ପ୍ରକାଶ କରିଥଲେ। ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶୋକସଭାରେ ହରିହର ସେଠୀ, କୁଞ୍ଜବିହାରି ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବା ବେଳେ ନିର୍ଦ୍ଦେଶକ ଅଭିମନ୍ୟୁ ପଣ୍ଡା ଓ ଆଦର୍ଶ ଦାସ ସ୍ମୃତିଚାରଣ କରିଥିବା ବେଳେ ଜମିଦାର ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନୟାଗଡ଼ ଜିଲାକୁ ମରୁଡ଼ି ଘୋଷଣା ଦାବି

ନୟାଗଡ଼,୩୧।୧୦(ଲୋକନାଥ ମିଶ୍ର):



ମୋ ଦଳ ପକ୍ଷରୁ ଆୟୋଜିତ ସଭା।

- ମୋ ଦଳ ସରକାର ଗଢ଼ିଲେ ଆସିବ ପରିବର୍ତ୍ତନ
- ବଦଳିବ ଓଡ଼ିଶାର ଚିତ୍ର, ମିଳିବ ବେକାରି ଭତ୍ତା
- ଚାଷୀ ପାଇବେ ପେନସନ

ଆଗାମୀ ନିର୍ବାଚନ ପାଇଁ ସଙ୍ଗଠନ ସଜା ଓ ନୟାଗଡ଼ ଜିଲାକୁ ମରୁଡ଼ି ଘୋଷଣା ଦାବିରେ ମଙ୍ଗଳବାର ନବ ନିର୍ମାଣ ସ୍ୱରାଜ ସରକାର ମୋ ଦଳ ପକ୍ଷରୁ ଚାଷୀ ସମାବେଶ ନୟାଗଡ଼ ପୁରୁଣା ସହର ହାତୀଶାଳ ମଠରେ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ପ୍ରଚାର କମିଟି ଅଧ୍ୟକ୍ଷ ଶେଷଦେବ ନନ୍ଦ ଯୋଗ ଦେଇ କହିଥିଲେ ରାଜ୍ୟରେ ମୋ ଦଳ ସରକାର ଗଢ଼ିଲେ ବଦଳିବ ଓଡ଼ିଶାର ଚିତ୍ର । ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟର ପୁରା ଗ୍ୟାରେଣ୍ଟି ନେବେ । ମାଛ, ଆଳୁ, ଅଣ୍ଡା, ପିଆଜ ପାଇଁ ଓଡ଼ିଶା କେବେ ବାହାର ରାଜ୍ୟକୁ ହାତ ପାତିବ ନାହିଁ । ଓଡ଼ିଶା ଖାଦ୍ୟ ପଦାର୍ଥ ବରଂ ରପ୍ତାନି କରିବ କେବେ ଆମଦାନୀ କରିବ ନାହିଁ । ତେବେ ଏଥିପାଇଁ କେବଳ ଗୋଟିଏ ରଣ କୌଶଳ ଦରକାର । ଚାଷୀ, ଗରିବ ଓ ମଧ୍ୟବିତ ଲୋକ ମୋ ଦଳକୁ ଭୋଟ ଦେଇ ବିଜୟୀ କରିବାକୁ ପଡିବ ବୋଲି ସେ କହିଥିଲେ। ପୁଣି କହିଥିଲେ ମୋ ଦଳ ଶାସନକୁ ଆସିଲେ ଧାନ କ୍ୱିଣ୍ଟାଲ ୩୪୦୦ଟଙ୍କା କରିବା ସହ ଚାଷୀ ପେନଶନ ୫ ହଜାର ଟଙ୍କା ହେବ। ବାର୍ଦ୍ଧକ୍ୟ ଭତ୍ତା ୨ ହଜାର, ବେକାରଙ୍କୁ ଗ୍ୟାରେଣ୍ଟି ନିଯୁକ୍ତି ନ ଦେବା ଯାଏଁ ୫ ହଜାର ଟଙ୍କା ବେକାରୀ ଭତ୍ତା ସହ ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ହେବ। ସବୁ ଜମିକୁ ଜଳ ସେଚନର ସୁବିଧା ମିଳିବ । ସେହିପରି ନୂଆଗାଁ ସଂଯୋଜକ ରବୀନ୍ଦ୍ର ବରା, ସଂଯୋଜକ ବିନୋଦ ପ୍ରଧାନ, ସମରେନ୍ଦ୍ର ନାୟକ, ବସନ୍ତ ନାୟକ, ଅଭିମନ୍ୟୁ ଗୁମାନସିଂ, ପ୍ରଫୁଲ୍ଲ ଲେଙ୍କା, ରମେଶ ପଣ୍ଡା, ଭାଗବତ ପ୍ରଧାନ, କାଳୁ ଦଳବେହେରା, ଅଜୟ ମହାନ୍ତି, ପ୍ରଦୀପ ବେହେରା, ବିଦ୍ୟାଧର ଦାସ, ସୁକାନ୍ତ ସାହୁ, ବଳଭଦ୍ର ସାହୁ, ପ୍ରଭାତ ପ୍ରଧାନ, ସୁରେନ୍ଦ୍ର ଗୋଛାୟତ, ପାଣ୍ଡୁ ନାୟକ, ନରୋତମ ରାଉତ, ନାରାୟଣ ବଳିୟାର ସିଂ, ପ୍ରଭାକର ରାଉତ, ଶିଶିର ଭଞ୍ଜ, ବିଜୟ ପରିଡ଼ା ପ୍ରମୁଖ କହିଥିଲେ ଓଡ଼ିଶାରେ ଯିଏ ସରକାର କରୁନା କାହିଁକି ଚାଷୀ ଉପେକ୍ଷିତ ଓ ଅଣଦେଖା ହୋଇ ରହୁଛି । ଚାଷୀ ଜମିରେ ପାଣି ମଡ଼ାଇ ପାରୁନି। ବିଲରେ ବାରହା, ମାଙ୍କଡ଼ ଓ ହାତୀ ଧାନ ନଷ୍ଟ କରୁଛନ୍ତି। ମଣ୍ଡିରେ କଟ୍‌ନୀ ଛଟ୍‌ନୀ ବନ୍ଦ ହେଉନି। ମିଲର ଧାନ କାଟି ନେଉଛି। ଏବେ ବିଲରେ ପାଣି ନାହିଁ । ନୟାଗଡ଼ ଜିଲା ସମେତ ବିଭିନ୍ନ ଜିଲାରେ ମରୁଡ଼ି ପରିସ୍ଥିତି ଦେଖାଦେଇଛି। ସାଧାରଣ ଲୋକ ସେମାନଙ୍କ ଦାବି ଓ ଅଧିକାର ନେଇ ଅବଗତ ନ ଥିବାରୁ ସ୍ୱାଧୀନତାର ୭୫ ବର୍ଷ ପରେ ବି ସୁଫଳ ମିଳୁନି। ଉପେକ୍ଷିତ ୭୫ ଭାଗ ଚାଷୀ, ମୂଲିଆ, ବେକାର ମୋ ଦଳ ଛତା ତଳେ ଏକାଠି ହୋଇ ଚାଲିବାକୁ ପଡିବ। ଜିଲା ଉପସଭାପତି ରଣଜିତ ଦଳବେହେରା ମରୁଡ଼ି ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ ଜଳକର ଛାଡ଼ ସହ ସରକାର ତୁରନ୍ତ ମରୁଡ଼ି ଘୋଷଣା କରନ୍ତୁ। କ୍ଷୟ କ୍ଷତି ଆକଳନ କରି କ୍ଷତି ପୂରଣ ଚାଷୀଙ୍କୁ ତୁରନ୍ତ ଦିଅନ୍ତୁ। ଏହାକୁ ଅଣଦେଖା କଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ତୀବ୍ର ରୂପ ନେବ । ଉପ ସଭାପତି ପ୍ରସନ ପ୍ରଧାନ ଓ ସହ ପ୍ରଭାରୀ ଆଶିଷ ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ ସାଧାରଣ ଲୋକଙ୍କ ମଧ୍ୟରେ ସଙ୍ଗଠନ ଅଭାବରୁ ଶୋଷଣ, ଅତ୍ୟାଚାର ତୀବ୍ର ହେଉଛି। କଟକ ସଂଯୋଜକ ବିଚିତ୍ରାନନ୍ଦ ପଣ୍ଡା ଓ ଜିଲା ସଭାପତି ମହେଶ୍ୱର ଜେନା କହିଥିଲେ କୃଷି ଭିତ୍ତିକ ଜିଲା ନୟାଗଡ଼ରେ କୃଷି ଅବହେଳା ଲୋକଙ୍କୁ ଆହୁରି ଗରିବ କରି ଚାଲିଛି। ଏହାକୁ ଅଣଦେଖା କରିବା ଠିକ୍ ନୁହେଁ ।

## ଇନ୍ଦିରାଗାନ୍ଧୀଙ୍କ ତିରୋଧାନ ଦିବସ


ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ କଂଗ୍ରେସ ନେତା ଓ କର୍ମୀମାନେ ମାଲ୍ୟାର୍ପଣ କରୁଛନ୍ତି।

ରଣପୁର,୩୧।୧୦(ସୁକାନ୍ତ କିଶୋର ଡାକୁଆ)

ମଙ୍ଗଳବାର ନୟାଗଡ଼ ଜିଲା ରଣପୁର ବିଧାନସଭା ଯୁବ କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୩୯ତମ ତିରୋଧାନ ଦିବସକୁ କଂଗ୍ରେସ ପକ୍ଷରୁ ପାଳନ କରାଯାଇଛି। ରଣପୁରସ୍ଥିତ ପଞ୍ଚୁଦୋଳ ପଡ଼ିଆ ରଘୁଦିବାକର ମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁବକଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ । ଏହି ଅବସରରେ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବା ସହିତ ରଘୁଦିବାକର ମଣ୍ଡପଠାରେ ଶହୀଦ ରଘୁଦିବାକର ଓ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଷ୍ଟ୍ରୀୟ ସଙ୍ଗଠନର ସମ୍ପାଦକ ସତ୍ୟବ୍ରତ ନାୟକ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ସତ୍ୟରଞ୍ଜନ ମତା, ଜିଲା କଂଗ୍ରେସ ଉପସଭାପତି ସୁରେନ୍ଦ୍ର କଳସ, ପୂର୍ବତନ ଯୁବକଂଗ୍ରେସ ସଭାପତି ମିର ଅବୁବକର ସିଦ୍ଦିକ,ଆଇନଜୀବୀ ଉମେଶ ଚନ୍ଦ୍ର ସାହୁ, ନୃସିଂହ ବର୍ଦ୍ଧନ ସାମନ୍ତ, ସ୍ୱଦେଶ ସେନାପତି, ମାନସ ମହାପାତ୍ର, ଅନିଲ ପରିଡ଼ା, ଜିତେନ୍ଦ୍ର ରଣସିଂହ, କୃଷ୍ଣ ସେଠୀ, ଚକ୍ରଧର ପ୍ରଧାନ,ନବକିଶୋର ସାମନ୍ତରାୟ ପ୍ରମୁଖ ଯୁବ କଂଗ୍ରେସ ଓ କଂଗ୍ରେସ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଫୁଲବାଣୀକୁ ରେଳ ବନ୍ଦ ପ୍ରତିବାଦ

ଫୁଲବାଣୀ, ୩୧।୧୦ (ରାକେଶ କୁମାର ରାଉତ)

ଗୋପାଳପୁର-ସମ୍ବଲପୁର ଭାୟା ଫୁଲବାଣୀ ରେଳ ପ୍ରକଳ୍ପରୁ ଫୁଲବାଣୀକୁ ବାଦ୍ ଦିଆଯାଇଛି । ଏହାର ପ୍ରତିବାଦରେ କନ୍ଧମାଳ ବିକାଶ ପରିଷଦ ପକ୍ଷରୁ ଏକ ବୈଠକ ଫୁଲବାଣୀ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ଗୋଲକ ବିହାରୀ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ପ୍ରସଙ୍ଗକୁ ନେଇ ଜୋରଦାର ପ୍ରତିବାଦ କରାଯାଇଥିଲା । ରାଜ୍ୟ ସରକାରଙ୍କ ଅଧିନରେ ସର୍ଭେ ସଂସ୍ଥା ଓରିଡିଲ୍ କନ୍ଧମାଳ ପ୍ରତି ବୈମାତୃକ ମନୋଭାବ ରଖି ଏହି ପ୍ରକଳ୍ପରୁ ଫୁଲବାଣୀକୁ ବାଦ୍ ପକାଇଥିବା ଉପସ୍ଥିତ ନେତୃବୃନ୍ଦ କ୍ଷୋଭ ପ୍ରକାଶ କରିଥିଲେ। ପୂର୍ବରୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏହି ବିଷୟରେ ଦାବିପତ୍ର ଦିଆ ଯାଇଥିଲେ ସୁଦ୍ଧା ଆଜିକୁ ମାସେରୁ

**୧୦ରେ କନ୍ଧମାଳ ବନ୍ଦ ନିଷ୍ପତ୍ତି**

ଉର୍ଦ୍ଧ୍ୱ ସମୟ ହେଲା ସରକାରଙ୍କ ପକ୍ଷରୁ କିମ୍ବା ଓରିଡିଲ୍ ସଂସ୍ଥା ପକ୍ଷରୁ କୌଣସି ଉତ୍ତର ମିଳିନାହିଁ ବୋଲି ଉପସ୍ଥିତ ସଦସ୍ୟ ମତ ପ୍ରକାଶ କରିଥିଲେ। ଆଗାମୀ ଆଠ ଦିନ ଭିତରେ ରାଜ୍ୟ ସରକାର କିମ୍ବା ସର୍ଭେ ସଂସ୍ଥା ଓରିଡିଲ୍ ଯଦି ପୁନର୍ବିଚାର କରି ଏହି ପ୍ରକଳ୍ପରେ ଫୁଲବାଣୀକୁ ନ ଯୋଡ଼ନ୍ତି, ତା'ହେଲେ ଆସନ୍ତା ୧୦ ତାରିଖରେ କନ୍ଧମାଳ ବନ୍ଦ କରିବାକୁ ପରିଷଦ ନିଷ୍ପତ୍ତି ନେଇଛି। ବୈଠକରେ ଭଗବାନ ମହାନ୍ତି, ଅବନେଶ୍ୱର ପ୍ରଧାନ, ସହଦେବ ପ୍ରଧାନ, କମଳାକାନ୍ତ ପାଣ୍ଡେ, ରଘୁପତି କହଁର, ଅବନି କହଁର, ଚନ୍ଦ୍ର ପଣ୍ଡା, ଜଗନ୍ନାଥ ସାହୁ, ଶିବାଶିଷ ପଣ୍ଡା, ନାରାୟଣ କର୍ମୀ, ଶଙ୍କର ବେହେରା, କାମଦେବ ପ୍ରଧାନ, ଗୋଲକ ପ୍ରଧାନ, ଗୋଲକ ମଲିକ, ଅମରେନ୍ଦ୍ର ବେହେରା, ଗୋପବନ୍ଧୁ ପ୍ରଧାନ, ଭିକି ପ୍ରଧାନ, ରତନ ଚୌଧୁରୀ, ଦିବ୍ୟଲୋଚନ ପାତ୍ର, ଦେବେଶ୍ୱର ମାଝୀ ସମେତ ଶତାଧିକ ନେତୃବୃନ୍ଦ ଯୋଗ ଦେଇଥିଲେ।

### ଦୁର୍ନୀତି ନିବାରଣ ସପ୍ତାହ

କୋଦଳା,୩୧।୧୦(ଅମିତ କୁମାର ପଟ୍ଟନାୟକ)

ବେଗୁନିଆପଡା ବ୍ଲକ ପରିସରରେ ମଙ୍ଗଳବାର ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିର୍ବାରଣ ସଚେତନତା କରାଯିବା ସହିତ ଶପଥ ପାଠ କରାଯାଇଛି। ଏଥିରେ ବ୍ରହ୍ମପୁର ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ଅଧିକ୍ଷକ ଗଣେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ଯେଉଁଟା ନୀତି ନୁହଁ ସେହିଟା ଦୁର୍ନୀତି, ସମସ୍ତ ସରକାରି କର୍ମଚାରୀ ସେବା ମନୋଭାବ ନେଇ କାମ କରିବା, ଜନସାଧାରଣଙ୍କୁ ଉଚିତ ସମ୍ମାନ ଦେବା, ଲାଞ୍ଚ ଦେବା ନେବା ଉଭୟ ଆଇନ ବର୍ହିଭୁତ ବୋଲି କହିଥିଲେ। ଇନିସ୍ପେକ୍ଟର ନିରଞ୍ଜନ ରାଉତ, ବେଗୁନିଆପଡା ଏବିଡିଓ ନିରଞ୍ଜନ ବେହେରା, ଆକାଉଣ୍ଟ ଅଫିସର ଏମ୍‌ଡି. ଆଜାରୁଦ୍ଦିନ ଖାନ, ଭିଜିଲାନ୍ସ ହାବିଲଦାର ଜି. ସୁଦର୍ଶନ ଦୋରା, କନେଷ୍ଟବଲ ସୁରେଶ କୁମାର ସେଠିଙ୍କ ସମେତ ସରପଞ୍ଚ ସମିତି ସଭ୍ୟ, ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ବିଭିନ୍ନ ଥାନା ପକ୍ଷରୁ ଯାନବାହନ ଯାଞ୍ଚ
### ୫୧ ନିଶାସକ୍ତ ଚାଳକ ଗିରଫ

ନୟାଗଡ଼,୩୧।୧୦(ଲୋକନାଥ ମିଶ୍ର): ନୟାଗଡ଼ ଜିଲାର ବିଭିନ୍ନ ଥାନା ପକ୍ଷରୁ ୫୧ ନିଶାସକ୍ତ ଚାଳକଙ୍କୁ ଗିରଫ କରାଯାଇ ୫୧ଟି ମାମଲା ରୁଜୁ କରାଯାଇଛି । ସେହିପରି ଯାନବାହାନ ଜବତ ହୋଇଛି। ନୟାଗଡ଼ ଟାଉନ ଥାନା, ସଦର ଥାନା, ଇଟାମାଟି ଥାନା, ଗଣିଆ ଥାନା,ଓଡ଼ଗାଁ ଆଦର୍ଶ ଥାନା ପକ୍ଷରୁ ୫ଜଣ ଲେଖାଏ ୩୦ ନିଶାସକ୍ତ ଚାଳକ ଗିରଫ ହୋଇଛନ୍ତି। ସେହିପରି ନୂଆଗାଁ ଥାନା ୨, ଦଶପଲ୍ଲା ଥାନା ୩, ବାଣିଗୋଛା ଥାନା ୧, ଖଣ୍ଡପଡ଼ା ଥାନା ୨, ଫତେଗଡ଼ ଥାନା ୭, ଶରଣକୁଳ ଥାନା ୨, ଚାନ୍ଦପୁର ଥାନା ପକ୍ଷରୁ ୪ଜଣଙ୍କୁ ଅନୁରୂପ ଭାବେ ଗିରଫ କରାଯାଇଛି। ଜିଲାରେ ସଡ଼କ ଦୁର୍ଘଟଣା ବଢ଼ି ଚାଲିଥିବାରୁ ଏହାକୁ ରୋକିବାକୁ ଉଦ୍ୟମ ଆରମ୍ଭ ହୋଇଛି । ଗତ ୩୦ ତାରିଖରେ ନୟାଗଡ଼ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ଭାବେ ଯାନବାହାନ ଯାଞ୍ଚ କରାଯାଇ ଉପରୋକ୍ତ ଚାଳକଙ୍କୁ ଗିରଫ କରାଯାଇଛି ।

## ଭୂତକୋଠି ପାଲଟିଲାଣି ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ


ପରିତ୍ୟକ୍ତ ଅବସ୍ଥାରେ ଥିବା ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ।

ନୟାଗଡ଼,୩୧।୧୦(ଲୋକନାଥ ମିଶ୍ର): ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥର ମାଉସୀ ମା'ମନ୍ଦିର ସମ୍ମୁଖରେ ଥିବା ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଭୂତକୋଠି ପାଲଟି ଗଲାଣି । ସେଠାରେ ଉପଜିଲାପାଳ ରହୁ ନ ଥିବାରୁ ପରିତ୍ୟକ୍ତ ହୋଇ ପଡିଛି । ତା'ର ମରାମତି କରା ନ ଗଲେ ବହୁ ପୁରାତନ ଘର ନଷ୍ଟ ହୋଇଯିବ । ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ପୁଣି ଘାସ, ଗଛଲତା ଉଠି ସାରିଲାଣି । ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ତ୍ରୁଟିଶୂନ୍ୟ ଭୋଟର ତାଲିକା ନେଇ ସମୀକ୍ଷା

ଛତ୍ରପୁର,୩୧।୧୦ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଶେଷ ଥର ଲାଗି ଭୋଟର ତାଲିକା ସଂଶୋଧନ ପାଇଁ ୨୭ ଅକ୍ଟୋବରରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ସମୟରେ ନିଜର ଦାବି ଦାଖଲ କରିବା ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଉଛି। ତାଲିକାରେ ନାମ ଯୋଗ କରିବା ପାଇଁ ଫର୍ମ ୬, ବାଦ ଦେବା ପାଇଁ ଫର୍ମ ୭, ସଂଶୋଧନ ପାଇଁ ଫର୍ମ ୮ ଅଫଲାଇନ ଓ ଅନଲାଇନ ମାଧ୍ୟମରେ ଉପଲବ୍ଧ ଥିବା କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଅଧ୍ୟକ୍ଷତା କରିଥିଲେ କିଭଳି ଭୋଟର ତାଲିକା ସଂଶୋଧନ ସୁରୁଖୁରୁରେ ସମ୍ପୂର୍ଣ୍ଣ ହେବ ସେ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅକ୍ଟୋବର ୨୭ରୁ ଡିସେମ୍ବର ୯ ପର୍ଯ୍ୟନ୍ତ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟ ଅନୁଷ୍ଠିତ ହେବ। ନଭେମ୍ବର ୫, ୧୧ , ୧୯ ଓ ୨୫ ମତଦାନକୁ ନେଇ ସ୍ୱତନ୍ତ୍ର ପ୍ରଚାର ଦିବସ ରହିଥିବା କୁହାଯାଇଛି । ଏହି ଦିନରେ ନିକଟସ୍ଥ ବୁଥରେ ବୁଥସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଆବେଦନ ଗ୍ରହଣ କରିବେ। ଜିଲାରେ ଥିବା ୧୩ଟି ନିର୍ବାଚନ ମଣ୍ଡଳୀ ପାଇଁ ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ୩୦୬୩ଟି ବୁଥ ଥିବାବେଳେ ଚଳିତଥର ୧୪ଟି ନୂଆ ବୁଥ ହୋଇ ୩୦୭୭ଟି ହୋଇଥିବା କୁହାଯାଇଛି। ଭୋଟର ତାଲିକାରେ ଅଧିକ ସଂଖ୍ୟକ ମହିଳା ଯେପରି ଅନ୍ତର୍ଭୁକ୍ତ ହେବେ, ଯୁବ ଭୋଟର ସଂଖ୍ୟା ବୃଦ୍ଧିହେବ, ବିଶେଷ ଭାବେ ଆଦିବାସୀ ଗୋଷ୍ଠୀଙ୍କୁ ଗୁରୁତ୍ୱ ପ୍ରଦାନ, ଭିନ୍ନକ୍ଷମ ବ୍ୟକ୍ତି ବିଶେଷ, ବରିଷ୍ଠ ନାଗରିକ ଏବଂ ତୃତୀୟ ଲିଙ୍ଗ ବ୍ୟକ୍ତିମାନେ ଯେପରି ଏହି ତାଲିକାରୁ ବଞ୍ଚିତ ହେବେ ନାହିଁ ସେଥିନିମନ୍ତେ ବିଶେଷ ଧ୍ୟାନ ଦିଆଯିବ। ସମସ୍ତଙ୍କର ଭୋଟ ଦେବାର ସ୍ୱାଧୀନତା ରହିଛି। ସମସ୍ତେ ଯେପରି ମତଦାନ କରିବେ ଏଣୁ ତା ପୂର୍ବରୁ ଭୋଟତାଲିକାରେ ନିଜ ନାମ ଓ ସମ୍ପୂର୍ଣ୍ଣ ତଥ୍ୟ ଯେପରି ରହିବ ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଜିଲା ନିର୍ବାଚନ ଅଧିକାରୀଙ୍କ ସମେତ ଉପଖଣ୍ଡ ବ୍ଲକ ନିର୍ବାଚନ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ।

### ଆମ ଓଡ଼ିଶା ନବୀନ ଓଡ଼ିଶା ନେଇ ପ୍ରସ୍ତୁତି ବୈଠକ

ଶେରଗଡ଼, ୩୧।୧୦ (ସୂର୍ଯ୍ୟନାରାୟଣ ଦାଶ)

ଆସନ୍ତା ୨ ତାରିଖରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶେରଗଡରୁ ଶୁଭାରମ୍ଭ ହେବ। ଏଥି ନିମନ୍ତେ ବ୍ଲକ ସମ୍ମୁଖ ପଡ଼ିଆରେ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୫ ହଜାରରୁ ଅଧିକ ପୁରୁଷ ମହିଳା ଓ ମିଶନଶକ୍ତି ମହିଳା ଏକାଠି ହେବାକୁ ଉକ୍ତ ବୈଠକରେ ସ୍ଥିର କରାଯାଇଛି। ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ଶିବାଶିଷ ବରାଳ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ବୈଠକରେ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ସିଡିପିଓ ଗୀତାଞ୍ଜଳି ରାଉଳ, ମିଶନଶକ୍ତିର ବନିତା ସାହୁ, ଶରତଚନ୍ଦ୍ର ପାତ୍ର, ହୀନ ବେହେରା, ସନ୍ତୋଷ କୁମାର ପଟ୍ଟନାୟକ, ପ୍ରମୋଦ କୁମାର ପାତ୍ର, ସବିତାରାଣୀ ଚୌଧୁରୀ, ଭୀମସେନ ଚୌଧୁରୀ, ଗୌରହରି ବିଷୋୟୀ, କାହ୍ନୁଚରଣ ପଟ୍ଟନାୟକଙ୍କ ସମେତ ବହୁ ନେତା ଯୋଗଦେଇ ଥିଲେ।

## ଶତପଥୀ ଲାୟନ୍ସ ବିଜୟୀ
### ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ଖଣ୍ଡପଡ଼ା,୩୧।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ସାଇକ୍ରପା କେପିଏଲ କମିଟି ପକ୍ଷରୁ ଚାଲିଥିବା ୩ୟ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଆୟୋଜିତ ମ୍ୟାଚ୍‌ରେ ଶତପଥୀ ଲାୟନ୍ସ ଟିମ ବିଜୟୀ ହୋଇଛି । ଉକ୍ତ ଟିମ୍ ୭୭ ରନରେ କଣ୍ଟିଲୋ ଇଣ୍ଡିଆନ୍ସ ଦଳକୁ ପରାସ୍ତ କରଛି । ଟସ୍ ଜିଣି ପ୍ରଥମେ କଣ୍ଟିଲୋ ଇଣ୍ଡିଆନ୍ସ ଦଳ ୭ ଓଭରରେ ସମସ୍ତ ଉଇକେଟ ହରାଇ ୭୪ ରନ ସଂଗ୍ରହ କରିଥିଲା । ଜବାବ୍‌ରେ ଶତପଥୀ ଲାୟନ୍ସ ଦଳ ୧୦ ଓଭରରେ ୪ ଉଇକେଟ ବିନିମୟରେ ୧୫୧ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ବିଜୟୀ ଦଳର ରାକେଶଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ଆଜିର ମ୍ୟାଚ୍‌କୁ ଅଶୋକ ବାରିକ ଓ ନିପ୍ରସ ଚୌଧୁରୀ ପରିଚାଳନା କରିଥିଲେ ।

## କନ୍ଧମାଳରେ ୨ ନୂଆ ପର୍ଯ୍ୟଟନସ୍ଥଳର ସନ୍ଧାନ

ଫୁଲବାଣୀ, ୩୧।୧୦(ରାକେଶ ରାଉତ)





କନ୍ଧମାଳ ଜିଲାର ପ୍ରକୃତି ଓ ପର୍ଯ୍ୟଟନ ପାଇଁ ବେଶ ଜଣାଶୁଣା। ଜିଲାରେ ରହିଛି ବହୁ ପର୍ଯ୍ୟଟନ କ୍ଷେତ୍ର। ବହୁ କ୍ଷେତ୍ର ଲୁକାୟିତ ଭାବରେ ରହି ଯାଉଥିବା ବେଳେ କନ୍ଧମାଳ ଇତିହାସ କଂଗ୍ରେସ ପକ୍ଷରୁ ଜିଲାର ଇତିହାସ ଖୋଜି ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ ଚଳାଇଛି। ତେବେ ଖଜୁରିପଡାଠାରୁ ଭୁବନେଶ୍ୱର ଅଭିମୁଖେ ଯିବା ବାଟରେ ପାବେରି ଗାଁ ନିକଟ ଜଙ୍ଗଲ ମଧ୍ୟରେ ଏକ ନୂଆ ପର୍ଯ୍ୟଟନ ସ୍ଥଳ ଓ ପକୃତିର ବିସ୍ମୟ ପଥର ସନ୍ଧାନ କରିଛି କନ୍ଧମାଳ ଇତିହାସ କଂଗ୍ରେସ।

ଖଜୁରିପଡା-ଭୁବନେଶ୍ୱର ରାସ୍ତାରୁ ୪ କିଲୋମିଟର ପରେ ବାମ ପାର୍ଶ୍ୱରେ ଏକ ଛୋଟିଆ ପୋଖରୀ ପଡେ । ସେହି ପୋଖରୀର ଦକ୍ଷିଣ କଡ଼ରେ ଏକ ପାଦଚଲା ରାସ୍ତା ଜଙ୍ଗଲ ଆଡ଼କୁ ଲମ୍ବି ଯାଇଛି। ସେହି ରାସ୍ତାରେ ପ୍ରାୟ ୧ କିଲୋମିଟର ଜଙ୍ଗଲ ଭିତରକୁ ଗଲେ ଏକ ଛୋଟ ଜଳପ୍ରପାତ ଦେଖିବାକୁ ମିଳିବ। ସେହି ଜଳପ୍ରପାତର ଧାରେଧାରେ ପ୍ରାୟ ଶହେ ମିଟର ତଳକୁ ଖସିଲେ ଆହୁରୀ ଏକ ବଡ଼ ଜଳପ୍ରପାତ ରହିଛି। ଯାହାକୁ ସ୍ଥାନୀୟ ଲୋକେ ଡଙ୍ଗାଧର ବା ଡଙ୍ଗାଦର୍ ବୋଲି କହୁଛନ୍ତି। ସ୍ଥାନଟି ଖୁବ୍ ସୁନ୍ଦର ଓ ମନୋରମ । ଶାନ୍ତି ଓ ଶୀତଳ ପରିବେଶ ମଧ୍ୟରେ ଅବସ୍ଥିତ ଜଳପ୍ରପାତଟି ବର୍ତ୍ତମାନ ସୁଦ୍ଧା ଲୋକ ଲୋଚନକୁ ଆସି ପାରିନାହିଁ। ପ୍ରଶାସନ ଉକ୍ତ ସ୍ଥାନକୁ ରାସ୍ତାଟିଏ ନିର୍ମାଣ କରିବା ବ୍ୟବସ୍ଥା କଲେ ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇ ପାରନ୍ତା ।

ସେହିପରି ମୁଖ୍ୟରାସ୍ତାର ଡାହାଣ ପାର୍ଶ୍ୱରେ ଏକ ବିଚିତ୍ର ପାହାଡ଼ ରହିଛି । ଯାହାକୁ ସ୍ଥାନୀୟ ଲୋକେ କଟାପଥର ପାହାଡ ବୋଲି କୁହନ୍ତି । କାରଣ ଉକ୍ତ ପାହାଡ଼ର ସମସ୍ତ ପଥର ପ୍ରକୃତି ଦ୍ୱାରା ସଠିକ୍ ମାପର ବ୍ୟବଧାନରେ କଟା ଯାଇଥିବା ଦୃଷ୍ଟି ଗୋଚର ହୁଏ। ଯେଉଁ ପଥର କାଟି ହେଇନି ତାହା ଭବିଷ୍ୟତରେ କାଟି ହେବା ପାଇଁ ଚିହ୍ନିତ ହେଇ ରହିଛି। ଏହା ମଧ୍ୟ ଏକ ସୁନ୍ଦର ପରିବେଶ ମଧ୍ୟରେ ଅବସ୍ଥିତ। ପର୍ଯ୍ୟଟକଙ୍କ ପାଇଁ ଏହା ଏକ ଉପଭୋଗ୍ୟ ସ୍ଥାନ। ଗବେଷକ ଡଃ ଚିତରଞ୍ଜନ ମିଶ୍ର ଓ ଡଃ ତ୍ରୈଲୋକ୍ୟ ନାଥ ସେନାପତି ଏହାକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଏହି ସବୁ ସ୍ଥାନକୁ ଯାଇ ଫଟୋ ଉତ୍ତୋଳନ କରି ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରିଛନ୍ତି।

## ବିଜେଡିର ପ୍ରସ୍ତୁତି ବୈଠକ

ଆସିକା,୩୧।୧୦ (ସୁରେନ୍ଦ୍ର ନାଥ ସାହୁ)

ଆସନ୍ତା ୨ ତାରିଖ ଦିନ 'ଆମ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ୫, ୬, ୭ ତାରିଖ ତିନିଦିନ ଧରି ଆସିକା ବିଧାନସଭା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ବିଭିନ୍ନ ଜିଲାପରିଷଦ ଜୋନକୁ ନେଇ ବିଜେଡି ପକ୍ଷରୁ ଏକ ଜୋନସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ମଙ୍ଗଳବାର ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟିକା ମଂଜୁଳା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଦିଲ୍ଲୀପ ପାଣିଗ୍ରାହୀ, ରାଜେଶ ପଟ୍ଟନାୟକ, ମନୋଜ ଦୋରା, ବିଦ୍ୟାନ୍ତ ଚର୍ଚ୍ଚି, ନନ୍ଦ କୁମାର ବିଷୋୟୀ, ଜୟନ୍ତୀ ବିଷୋୟୀ, ପ୍ରମୋଦ କୁମାର ସ୍ୱାଇଁଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ପ୍ରତିନିଧି ଯୋଗଦେଇଥିଲେ। ସ୍ଥାନୀୟ ହରିହର ହାଇସ୍କୁଲ ମିନି ଷ୍ଟାଡିୟମରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଦଳିୟ କର୍ମୀଙ୍କ ସମାବେଶ ଲାଗି ଆଲୋଚନା କରାଯାଇଥିଲା। ସେହିଭଳି ଜୋନସ୍ତରୀୟ ପ୍ରଶିକ୍ଷଣ ଶିବିର ପୃଥକ ସ୍ଥାନରେ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା । ଏହି ଶିବିରରେ ବିଭିନ୍ନ ପଞ୍ଚାୟତର ପ୍ରତି ୱାର୍ଡରୁ ୪ଜଣ ଲେଖାଏଁ ସକ୍ରୀୟ ସଦସ୍ୟ ସାମିଲ ହେବେ।


**କେନ୍ଦ୍ରାପଡ଼ାରେ ଗଜଲକ୍ଷ୍ମୀ ପୂଜା:** ଅନ୍ନପୂର୍ଣ୍ଣା କ୍ଲବ


ବକ୍ତାରପୁର


ସଦ୍‌ଭାବନା କ୍ଲବ, ଦୁହୁରିଆ


ଶିବଶକ୍ତି କଂସାର


ଶୁଭଲକ୍ଷ୍ମୀ, କଂସାର


ରାମସୀତା କ୍ଲବ


ଟାଉନ ବଳରାମପୁର


ବନ୍ଧସାହି ହନୁମାନ ପୂଜା ମଣ୍ଡପ, ମାର୍ଶାଘାଇ


ପଟ୍ଟାମୁଣ୍ଡାଇ ବ୍ଲକ ରୋଡ ମୂର୍ତ୍ତି।


ହାଟ ଲକ୍ଷ୍ମୀ ପୂଜା ମଣ୍ଡପ, ମାର୍ଶାଘାଇ


ଲକ୍ଷ୍ମୀ ନାରାୟଣ, ସୁବାଲା


କଜଳା


ବନମାଳୀ ଛକ, ମାର୍ଶାଘାଇ


ବାଟ ମଙ୍ଗଳା


ବଜରଙ୍ଗ କ୍ଲବ


ପଟ୍ଟାମୁଣ୍ଡାଇ ଗୋଗୁଆ, ହନୁମାନ


ଗୋଗୁଆ, ରାଧାକୃଷ୍ଣ


ଗୋଗୁଆରେ ଭାରତ ମାତା।

# ଏଏସ୍‌ଆଇଙ୍କୁ ୨ବର୍ଷ କାରାଦଣ୍ଡ

## ତଦନ୍ତରେ ସହଯୋଗ ପାଇଁ ଲାଞ୍ଚ ନେଇଥିଲେ

**ଜଗତ୍‌ସିଂହପୁର, ୩୧।୧୦ (ପ୍ରମୋଦ କୁମାର ନାୟକ)**

ତଦନ୍ତରେ ସହଯୋଗ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେବା ପାରାଦୀପ ଜେଏମ୍‌ଏଫ୍‌ସି କୋର୍ଟ ସବ୍‌ଇନ୍‌ସ୍ପେକ୍ଟର ଦୀପ୍ତିରଞ୍ଜନ ମହାପାତ୍ରଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ଏହି ଅଭିଯୋଗର ଶୁଣାଣି କରି କଟକସ୍ଥିତ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ଦୀପ୍ତିରଞ୍ଜନଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ଏଥିସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି । ଏହି ରାଶି ଅନାଦେୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଥିବା ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଭିଜିଲାନ୍ସ ପକ୍ଷରୁ କୁହାଯାଇଛି, ଦୀପ୍ତିରଞ୍ଜନ ପୂର୍ବରୁ ନାଉଗାଁ ଥାନା ଗାରୋଇ ଆଉଟ ପୋଷ୍ଟ ଏଏସ୍‌ଆଇ ଥିଲେ । ୨୦୧୨ରେ ଏକ ମାମଲାରେ ସହଯୋଗ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୩୦୦୦ ଲାଞ୍ଚ ନେଉଥିବାବେଳେ ଧରାପଡ଼ିଥିଲେ । ମଙ୍ଗଳବାର ଏହି ମାମଲାର ରାୟ ପ୍ରକାଶ ପାଇଛି । ଏହାପରେ ଦୀପ୍ତିରଞ୍ଜନଙ୍କୁ ଚାକିରିରୁ ବହିଷ୍କାର ପାଇଁ ବିଭାଗୀୟ ଅଧିକାରୀଙ୍କୁ ଲେଖାଯିବା ପାଇଁ ପ୍ରକ୍ରିୟା ଚାଲିଛି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଭିଜିତ୍


@ ବ୍ରଜକିଶୋର


@ ସୌମ୍ୟ


@ ରାକେଶ


@ ଅଜିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଷାକ୍ତ ପୋକ କାମୁଡ଼ାରେ ଶ୍ରମିକ ମୃତ

## ଦିନକ ତଳୁ ନିଖୋଜ ଥିଲେ, ବାଡ଼ିରୁ ମିଳିଲା ମୃତଦେହ

**ରସୁଲପୁର,୩୧।୧୦ (ରଞ୍ଜିତ ରାଉତ):**

କୁଆଖିଆ ଥାନା ଅନ୍ତର୍ଗତ ପ୍ରଥମାଖଣ୍ଡି ଗ୍ରାମରେ ବିଷାକ୍ତ ପୋକ(ଭୂଇଁଗାରଡ଼)କାମୁଡ଼ାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ଅନନ୍ତ ରାଉତ(୪୩) ବୋଲି ଜଣାପଡ଼ିଛି। ସେ ଦିନକ ତଳୁ ନିଖୋଜଥିଲେ। ମଙ୍ଗଳବାର ସକାଳୁ ବାଡ଼ିରୁ ତାଙ୍କ ମୃତଦେହ ଜବତ କରାଯାଇଛି। ପୋଲିସ ମୃତଦେହ ଜବତ କରି ମୃତ୍ୟୁର ଅସଲ କାରଣ ଖୋଜିବାକୁ ପ୍ରୟାସ ଜାରି ରଖିଛି।

ସୋମବାର ଅପରାହ୍ନରେ ଅନନ୍ତ ଘରଠାରୁ ପ୍ରାୟ ୫୦୦ମିଟର ଦୂରରେ ଥିବା ବାଡ଼ିକୁ ଯାଇଥିଲେ। ବାଡ଼ି ସଫା କରୁଥିବାସମୟରେ ତାଙ୍କୁ ଏକ ବିଷାକ୍ତ ପୋକ କାମୁଡ଼ି ଦେଇଥିଲା। ଫଳରେ ସେ ଚେତାଶୂନ୍ୟ ହୋଇ ପଡ଼ି ଯାଇଥିଲେ। ରାତି ସୁଧା ଅନନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ ତାଙ୍କୁ ଠାବ କରିବାରେ ବିଫଳ ହୋଇଥିଲେ। ପୋକ ଆକ୍ରମଣରେ ତାଙ୍କ ଦେହର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏନେଇ ଥାନାରେ ଏକ ମାମଲା ନଂ.୨୪/୨୩ ରୁଜୁ ହୋଇଛି।

# ୭ ମାସ ୫ହଜାର ପାରମ୍ପରିକ ମତ୍ସ୍ୟଜୀବୀ ହାତବାନ୍ଧି ବସିବେ

- ଆଜିଠୁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଲାଗିଲା କଟକଣା
- ସାମୁଦ୍ରିକ ଅଭୟାରଣ୍ୟ ଜଳ ସୀମା ସୂଚନା ଖୁମ୍ବ ବଇଁଆ
- ମତ୍ସ୍ୟଜୀବୀ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯିବେ

**ମହାକାଳପଡ଼ା, ୩୧।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**


ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଅଲିଭରିଡ୍‌ଲେ କଇଁଛ


ସାମୁଦ୍ରିକ ଅଭୟାରଣ୍ୟ ସୂଚନା ଲାଗିଥିବା ବଇଁଆ ଖମ୍ବ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଅଞ୍ଚଳର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବନ ବିଭାଗ, ସାମୁଦ୍ରିକ ମତ୍ସ୍ୟ ବିଭାଗ ଓ ତଟରକ୍ଷୀ ବାହିନୀ ପକ୍ଷରୁ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ସମୁଦ୍ରରେ ପ୍ରବେଶ କରିବାକୁ ବାରଣ କରାଯାଇଛି। ନଭେମ୍ବର ୧ଠାରୁ ମେ' ୧ ପର୍ଯ୍ୟନ୍ତ ୭ ମାସ ମଧ୍ୟରେ ବିଦେଶୀ ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ପ୍ରଜନନ ଋତୁ ହୋଇଥିବାରୁ ସୁରକ୍ଷା ଦୃଷ୍ଟିରୁ ପ୍ରବେଶ କଟକଣା ରହିଛି। ଏହି ସମୟରେ ୫ହଜାର ପାରମ୍ପରିକ ସାମୁଦ୍ରିକ ମତ୍ସ୍ୟଜୀବୀ ରୋଜଗାର ହରାଇବେ ବୋଲି ସୁକୁମାର ମଣ୍ଡଳ, କୃଷ୍ଣପଦ ମଣ୍ଡଳ, ଭବେନ ମଣ୍ଡଳ, ରାସବିହାରୀ ଗିରି, ହରିପଦ ମାଇତି, ବିମଳ ଦାସ ପ୍ରମୁଖ କହିଛନ୍ତି। ଏମାନଙ୍କ କହିବା କଥା, ସମୁଦ୍ରରୁ ମାଛ ଧରିବା ଉପରେ ଆମ ପରିବାର ନିର୍ଭର କରେ। ବିଭାଗ ପକ୍ଷରୁ ପ୍ରବେଶ ମନା ହେବାରୁ ଆମ୍ଭେମାନେ ବାଧ୍ୟ ହୋଇ ରାଜ୍ୟ ବାହାରକୁ ଦାଦନ ଖଟି ଯିବାକୁ ପଡ଼ିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କଟକଣା ସମୟରେ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ମତ୍ସ୍ୟଜୀବୀମାନେ କହିଛନ୍ତି। ସରକାର ଯେଉଁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ତାହା ସମୁଦ୍ରକୁ ଶଙ୍ଖେ। ଏହି ୭ ମାସ ମାଛ ଧରିବା ବନ୍ଦ ହେଲେ ପରିବାର ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେବେ। ଆଜିକା ଦିନରେ ବଜାର ଦର ହୁ ହୁ ହୋଇ ବଢୁଥିବାରୁ ପରିବାର ଚଳାଇବା କଷ୍ଟସାଧ୍ୟ ହୋଇପଡୁଛି ବୋଲି ସେମାନେ କହିଛନ୍ତି।

ଅପରପକ୍ଷରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ମତ୍ସ୍ୟଜୀବୀମାନେ ଜଳସୀମା ଅତିକ୍ରମ ନ କରିବା ପାଇଁ ୩ବର୍ଷ ହେବ ବନ ବିଭାଗ ପକ୍ଷରୁ ଚିହ୍ନଟ ଭାବେ ଅତ୍ୟାଧୁନିକ ସୋଲାର ୧୪ଟି ବଇଁଆ ଖମ୍ବ ଅବସ୍ଥାପିତ କରାଯାଇଛି। ଏହା ରାତିରେ ସୋଲାର ଇଣ୍ଡିକେଟରେ ଲାଇଟ ଜଳୁଛି। ଫଳରେ କୌଣସି ମତ୍ସ୍ୟଜୀବୀ ସୀମା ଅତିକ୍ରମ କରିବେ ନାହିଁ। ଏହି ଜଳ ସୀମା ଡେଇଁ ଅଭୟାରଣ୍ୟକୁ ମତ୍ସ୍ୟଜୀବୀ ପ୍ରବେଶ କଲେ ବନ ବିଭାଗ କର୍ମଚାରୀ ଆଇନ ଅନୁସାରେ ସେମାନଙ୍କୁ ଗିରଫ କରିବେ ବୋଲି ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ନଭେମ୍ବରଠାରୁ ମେ' ମାସ ପର୍ଯ୍ୟନ୍ତ ମହାନଦୀ ମୁହାଣରୁ ଧାମରା ମୁହାଣ ପର୍ଯ୍ୟନ୍ତ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ କଟକଣା ରହିଛି। ତୁରନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପ୍ରଭାବିତ ମତ୍ସ୍ୟଜୀବୀ ପରିବାର ଜୀବିକା ନିର୍ବାହ କରିବାକୁ ବିକଳ୍ପ ଭାବେ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଗହୀରମଥା ରେଞ୍ଜ୍ ଅଧିକାରୀ ପ୍ରଦୋଷ କୁମାର ମହାରଣାଙ୍କୁ ପଚାରିବାରେ ଏହି ସମୟରେ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ନୟାଗଡ଼ ଜିଲାରେ ବିଲ ଫାଟି ଆଁ


ବର୍ଷା ଓ ପାଣି ଅଭାବରୁ ଧାନଗଛ ଜଳିଯାଇଛି ।


ଧାନ ଜମି ଫାଟି ଯାଇଛି ।

ନୟାଗଡ଼,୩୧ ।୧୦(ଲୋକନାଥ ମିଶ୍ର):

ବର୍ଷା ଅଭାବରୁ ଧାନ ଜମି ଫାଟି ଆଁ କରି ରହିଛି । ଜଳସେଚନ ବ୍ୟବସ୍ଥା ନ ଥିବାରୁ ନୟାଗଡ଼ ଜିଲାରେ ମରୁଡ଼ି ପରିସ୍ଥିତି ଦେଖା ଦେଇଛି। ଓଡ଼ଗାଁ ବ୍ଲକର ଗୋଡ଼ିପଡା, ହରିଡ଼ାବନ୍ଧ ପରି ପଞ୍ଚାୟତ ଅଞ୍ଚଳ, ଭାପୁର ଓ ନୟାଗଡ଼ ବ୍ଲକରେ ଧାନ ଫସଲ ଜଳିଗଲାଣି । ବର୍ଷା ହେଲେ ମଧ ଆଉ ଧାନ ହେବନି । ଜିଲାରେ ମରୁଡ଼ି ପରିସ୍ଥିତି ଦେଖା ଦେଇଥିବାବେଳେ କୃଷି ବିଭାଗ ପକ୍ଷରୁ କର୍ମଚାରୀ ଅଥବା ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁ ନ ଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ଜିଲାରେ କେଉଁ ଅଞ୍ଚଳରେ ମରୁଡ଼ି ପରିସ୍ଥିତି ଦେଖା ଦେଇଛି ସେନେଇ କୃଷି ବିଭାଗ ପାଖରେ ରିପୋର୍ଟ ନାହିଁ । ଏଭଳି ସ୍ଥଳେ ଆଖି ଆଗରେ ସୁନାର ଫସଲ ନଷ୍ଟ ହେଉଥିବା ଦେଖି ଚାଷୀଙ୍କ ଚିନ୍ତା ବଢ଼ିଛି । ଧାରକରଜ ଓ ଋଣ କରି ଆଣିଥିବା ଟଙ୍କା କିପରି ପରିଶୋଧ କରାଯିବ ତାକୁ ନେଇ ଟେନଶନ ବଢ଼ିଛି ।

ଜିଲାରେ ୯୬ ହଜାର ୮୦୬୭ ହେକ୍ଟର ଜମିରେ ଧାନ ଫସଲ ହେବା ପାଇଁ କୃଷି ବିଭାଗର ଲକ୍ଷ୍ୟ ଧାର୍ଯ୍ୟ ଥିଲା । ତେବେ ନୟାଗଡ଼ ବ୍ଲକରେ ୧୧ ହଜାର ୫୭୬ ହେକ୍ଟର, ଓଡ଼ଗାଁ ବ୍ଲକରେ ୧୭ ହଜାର ୩୮୧ ହେକ୍ଟର, ରଣପୁର ବ୍ଲକରେ ୧୭ ହଜାର ୯୫୭ ହେକ୍ଟର, ଖଣ୍ଡପଡ଼ା ବ୍ଲକରେ ୯ ହଜାର ୧୨୪ ହେକ୍ଟର, ଭାପୁର ବ୍ଲକରେ ୭ ହଜାର ୬୧୭ ହେକ୍ଟର, ଦଶପଲ୍ଲା ବ୍ଲକରେ ୧୧ ହଜାର ୮୫୬ ହେକ୍ଟର, ନୂଆଗାଁ ବ୍ଲକରେ ୧୬ ହଜାର ୧୫୦ ହେକ୍ଟର, ଗଣିଆ ବ୍ଲକରେ ୫ ହଜାର ୮୭୨ ହେକ୍ଟର ଜମିରେ ଏପରି ମୋଟରେ ଜିଲାରେ ୯୭ ହଜାର ୫୩୩ ହେକ୍ଟର ଜମିରେ ଧାନ ଫସଲ ହୋଇଥିଲା । ଏଥିରୁ ୪୫ ହଜାର ୮୬୦ ହେକ୍ଟର ଜମିରେ ଧାନ ବୁଣା ଓ ୫୧ ହଜାର ୬୭୩ ହେକ୍ଟର ଜମିରେ ଧାନ ରୁଆ ହୋଇଥିଲା । ଧାନ ବୁଣା ଓ ରୁଆ ସମୟରେ ବର୍ଷା ଠିକଠାକ ଥିଲା । ତେବେ ଧାନରେ ଫୁଲ ଉଡାଇବାବେଳେ ଓ ଧାନରେ ଥୋଡ ହେବା ପୂର୍ବରୁ ମରୁଡ଼ିର ପଦଧ୍ୱନୀ ଦେଖିବାକୁ ମିଳିଥିଲା । ମୌସୁମୀ ଉଭାନ ହୋଇ ଯିବାରୁ ମରୁଡ଼ି ପରି ପରିସ୍ଥିତି ଦେଖା ଦେଇଛି । ନୟାଗଡ଼ ଜିଲାର ଓଡ଼ଗାଁ, ରଣପୁର, ଖଣ୍ଡପଡ଼ା, ଦଶପଲ୍ଲା, ଭାପୁର, ନୂଆଗାଁ, ଗଣିଆ ଓ ନୟାଗଡ଼ ବ୍ଲକ ସମେତ ୫ ସହରାଞ୍ଚଳରେ ମଧ ସମାନ ପରିସ୍ଥିତି ସୃଷ୍ଟି ହୋଇଛି ।

**ଜମିରେ ପାଣି ମଡାଇବାକୁ ବ୍ୟଗ୍ର:** ମରୁଡି ପରିସ୍ଥିତିକୁ ଏଡାଇବା ପାଇଁ କେଉଁଠି ନଦୀରେ ବନ୍ଧ ପକା ଗଲାଣି ତ ଆଉ କେଉଁଠି ପମ୍ପ ଲଗାଇ ଜମିରେ ପାଣି ମଡା ଯାଉଛି । ତେବେ ସବୁ ବିଲରେ ପାଣି ମଡାଇବା ସମ୍ଭବ ହେଉ ନାହିଁ । ଶୀତଋତୁରେ ଯେଉଁ ପରି ଖରା ହେଉଛି ଜମିରେ ପାଣି ମଡାଇଲେ କିଛି ସୁଫଳ ମିଳୁନି । ଠିପ ଜମିର ଧାନ ଫସଲ ଅଧିକାଂଶ ସ୍ଥାନରେ ମରିଗଲାଣି । ଖାଲ ଜମିର କିଛି ଅଂଶରେ ପାଣି ଅଛି ଅନେକ ଜମି ଶୁଖିଲା ପଡିଛି । ଆଉ କିଛି ଦିନ ପରେ ଫାଟିଯିବ । ଏନେଇ ବାଲୁଗାଁ ଚାଷୀ ରଣଜିତ୍ ଦଳବେହେରା କୁହନ୍ତି ଜିଲା ସାରା ମରୁଡ଼ି ପରିସ୍ଥିତି ଦେଖା ଦେଇଛି । କୃଷି ବିଭାଗର ସହାୟତା ନାହିଁ । ଚାଷୀ ଜମିରେ ପାଣି ମଡାଇବାକୁ ଆତୁର ହେଉଥିଲେ ହେଁ ସୁବିଧା ପାଉ ନାହିଁ ।

# ପଞ୍ଚାୟତ ଯୋଗାଇଲା ପାନୀୟ ଜଳ

**ବୁରୁଦେଇବାସୀଙ୍କୁ ଚୁଆପାଣି ଭରସା ପ୍ରସଙ୍ଗ**


ବୁରୁଦେଇ ଗ୍ରାମବାସୀଙ୍କୁ ପାଣି ଯୋଗାଇ ଦିଆଯାଉଛି ।

ନୂଆଗାଁ,୩୧ ।୧୦(ଧନେଶ୍ୱର ସାହୁ):ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲି ପଞ୍ଚାୟତ ବୁରୁଦେଇ ଗ୍ରାମବାସୀ ନଦୀରୁ ଚୁଆପାଣି ସଂଗ୍ରହ କରି ଚଳୁଥିଲେ । ବୁରଦେଇବାସୀଙ୍କୁ ଚୁଆପାଣି ଭରସା ଶୀର୍ଷକରେ ଏକ ରିପୋର୍ଟ ମଙ୍ଗଳବାର ଧରିତ୍ରୀରେ ପ୍ରକାଶ ପାଇବା ପରେ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି । ମଙ୍ଗଳବାର କାପ୍ତାପଲି ପଞ୍ଚାୟତ ତରଫରୁ ବୁରୁଦେଇ ଗ୍ରାମକୁ ପାଣି ଟାଙ୍କି ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି । ବୁରୁଦେଇ ଗ୍ରାମରେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ କରାଯିବା ପର୍ଯ୍ୟନ୍ତ ପଞ୍ଚାୟତ ତରଫରୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି କାପ୍ତାପଲି ସରପଞ୍ଚ ସାରସଧର ସାହୁ କହିଛନ୍ତି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଆଦିବାସୀ ବହୁଳ କାପ୍ତାପଲି ପଞ୍ଚାୟତ ବୁରୁଦେଇ ଗ୍ରାମରେ ବସବାସ କରୁଥିବା ପ୍ରାୟ ୭୦ଜଣ ଲୋକଙ୍କ ପାଇଁ ଗୋଟିଏ ନଳକୂପ ରହିଛି । ସେଥିରୁ ଲୁହାଗୁଣ୍ଡ ମିଶ୍ରିତ ନାଲିରଙ୍ଗ ପାଣି ବାହାରୁଛି, ଯାହାକି ବ୍ୟବହାର ଅନୁପଯୋଗୀ ବୋଲି ଗ୍ରାମବାସୀ ଅଭିଯୋଗ କରିବା ସହ ଗ୍ରାମଠାରୁ ୫୦୦ମିଟର ଦୂରରେ ଥିବା ହାତୀଗଣ୍ଡ ନଦୀରେ ଚୁଆଖୋଳି ପାଣି ସଂଗ୍ରହ କରି ବ୍ୟବହାର କରୁଥିଲେ । ସ୍ଥାନୀୟ ନେତା ଓ ପ୍ରଶାସନକୁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମର ସନାତନ ପ୍ରଧାନ , ପବିତ୍ର ଜାନି , ମୋହନ ଜାନୀ , କୁସ ଜାନୀ ପ୍ରମୁଖ କହିଛନ୍ତି। ତେଣୁ ପାନୀୟ ଜଳର ବ୍ୟବସ୍ଥା ନ ହେଲେ ଆମେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବୁ ବୋଲି ରୋକଠୋକ୍ ଶୁଣାଇଥିଲେ । ଉକ୍ତ ଖବର ପ୍ରକାଶ ପାଇବା ପରେ ଆରଡବ୍ଲ୍ୟୁଏସ୍ଏସ୍ ଅଧିକାରୀ , ବ୍ଲକ ପ୍ରଶାସନର ନିଦ ଭାଙ୍ଗିଥିଲା । ସେମାନେ ସ୍ଥାନୀୟ ସରପଞ୍ଚଙ୍କୁ କହି ଏକ ଗାଡ଼ିରେ ପାଣି ଟାଙ୍କି ଲୋଡ କରି ବୁରୁଦେଇ ଗ୍ରାମକୁ ପଠାଇଥିଲେ । ଅନ୍ୟପକ୍ଷେ ଗ୍ରାମରେ ଥିବା ନଳକୂପ ପାଣିକୁ ପରୀକ୍ଷା କରିବା ପାଇଁ ନୟାଗଡ଼ ସବ୍ ଡିଭିଜନ ଲାବୋରେଟୋରୀକୁ ପଠାଯାଇଥିଲା । ସେଥିରୁ ଅତ୍ୟଧିକ ଲୁହାଗୁଣ୍ଡ ମିଶ୍ରିତ ପାଣି ବାହାରୁ ଥିବା ଜଣାପଡିଛି । ତେଣୁ ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବାର ଆବଶ୍ୟକତା ରହିଥିବା ବିଭାଗୀୟ ଅଧିକାରୀ କହିଛନ୍ତି । ପାହାଡିଆ ସ୍ଥାନରେ ଉକ୍ତ ଗ୍ରାମ ଥିବାରୁ କେଉଁ ସ୍ଥାନରେ ଜଳ ଉତ୍ସ ରହିଛି ତାହା ପରୀକ୍ଷା କରି ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ । ସେତେଦିନ ପର୍ଯ୍ୟନ୍ତ ପଞ୍ଚାୟତ ତରଫରୁ ବୁରୁଦେଇବାସୀଙ୍କୁ ଗାଡ଼ି ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି କାପ୍ତାପଲି ସରପଞ୍ଚ ସାହୁ କହିଛନ୍ତି।

# ରୂପାନ୍ତରଣ କାମରେ ବିଳମ୍ବ, ଅନ୍ୟତ୍ର ପାଠ ପଢୁଛନ୍ତି ଛାତ୍ରୀଛାତ୍ର



ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ।

ଖଣ୍ଡପଡ଼ା,୩୧।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଗୁଣ୍ଡୁଣି ପଞ୍ଚାୟତସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଗତ ଜୁଲାଇରୁ ଆରମ୍ଭ ହୋଇଛି । ବିଦ୍ୟାଳୟ ପରିସରରେ ନୂତନ ଶ୍ରେଣୀ ଗୃହ ନିର୍ମାଣଠାରୁ ଆରମ୍ଭ କରି କମ୍ପ୍ୟୁଟର କକ୍ଷ, ଉନ୍ନତ ମାନର ବିଜ୍ଞାନାଗାର ନିର୍ମାଣ ସହ ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଖଣ୍ଡପଡା ବ୍ଲକ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚାଲିଛି । ହେଲେ ଉକ୍ତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଉଦାସୀନତା ଯୋଗୁ ଉନ୍ନୟନମୂଳକ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ସେହି କାମ କେବେ ଶେଷ ହେବ ଏ ନେଇ ଅନିଶ୍ଚିତତା ଦେଖା ଦେଇଛି । ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ନିମନ୍ତେ ରାଜ୍ୟ ସରକାର ୫-ଟି ରୂପାନ୍ତରକରଣ ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି । ଏହି କ୍ରମରେ ଗତ ୪ ମାସ ଧରି ବିଦ୍ୟାଳୟର ରୂପାନ୍ତରକରଣ କାର୍ଯ୍ୟ ଚାଲିଥିବାରୁ ନିକଟସ୍ଥ ମିଶନଶକ୍ତି ଗୃହ ଓ ସ୍ୱାସ୍ଥ୍ୟକେନ୍ଦ୍ର ଗୃହରେ ଛାତ୍ରୀଛାତ୍ରମାନେ ବସି ପାଠ ପଢୁଛନ୍ତି । ଉକ୍ତ ବିଦ୍ୟାଳୟର ୯ମ ଓ ୧୦ମ ଦୁଇଟି ଶ୍ରେଣୀରେ ୧୦୮ ଜଣ ଛାତ୍ରୀଛାତ୍ର ପଢୁଥିବା ବେଳେ ଏବେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରିବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଆଗକୁ ମାଟ୍ରିକ ଓ ବାର୍ଷିକ ପରୀକ୍ଷା ହେବ । ରୂପାନ୍ତରଣ କାର୍ଯ୍ୟ ବିଳମ୍ବକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ବିଦ୍ୟାଳୟର ସାମଗ୍ରିକ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବିଦ୍ୟୁତ୍ ତାର ବିଛାଇ ଚାଲିଛି ବାର୍‌ହା ଶିକାର

ଖଣ୍ଡପଡ଼ା/ଭାପୁର,୩୧।୧୦(ଅଜୟ କୁମାର ମହାରଣା/ଭରତ ବେହେରା)

ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଲାଇନରୁ ବେଆଇନ ଭାବେ ତାର ସଂଯୋଗ କରାଯାଉଛି । ସେହି ତାରକୁ ବିଛାଯାଇ ବାରହା ଶୀକାର ଚାଲିଛି । ଏଥିପାଇଁ ଶର୍ଟସର୍କିଟ ଘଟି ଜଳ ଯୋଗାଣ ପ୍ରକଳ୍ପର ମୋଟର ପୋଡ଼ି ଯାଇଛି । ପ୍ରତିଦିନ ଏପରି ଭାବେ ବାର୍‌ହା ଶିକାର ଚାଲିଛି । ଅଥଚ ବିଭାଗୀୟ ଅଧିକାରୀମାନେ ହାତବାନ୍ଧି ବସିଛନ୍ତି ବୋଲି ପଥରଚକଡା ସରପଞ୍ଚ ଶିବାନୀ ଦାଶ ଅଭିଯୋଗ କରିଛନ୍ତି ।

ଭାପୁର ବ୍ଲକ ଅଧୀନ ପଥରଚକଡ଼ା ପଞ୍ଚାୟତ ମାଧପୁର ଗ୍ରାମରେ ୭ ଦିନ ଧରି ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ଯୋଗୁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାର୍‌ହା ଶିକାର ପାଇଁ ଗ୍ରାମ ଜଙ୍ଗଲ ନିକଟ ବିଭିନ୍ନ ଅଞ୍ଚଳରୁ ବେଆଇନ ବିଦ୍ୟୁତ୍ ସଂଯୋଗ ନେଇ ବିଛାଯାଇଥିବା ତାରର ସଂସ୍ପର୍ଶରେ ଆସି ପ୍ରତିଦିନ ଏକାଧିକ ବାର୍‌ହା ଶିକାର ହେଉଥିବା ଅଭିଯୋଗ ହେଉଛି । କେତେକ ସ୍ଥାନରେ ବନ ବିଭାଗ ପକ୍ଷରୁ ରାତ୍ରୀ ପାଟ୍ରୋଲିଂ କରାଯାଇ କେତେଜଣ ଲୋକଙ୍କୁ ଗିରଫ କରାଯାଉଛି । ହେଲେ ଅଧିକାଂଶ ସ୍ଥାନରେ ଏଭଳି କାର୍ଯ୍ୟ ଜାରି ରହିଥିବା ଅଭିଯୋଗ ହେଉଛି । ଏ ନେଇ ବନ ବିଭାଗ, ବିଦ୍ୟୁତ ବିଭାଗ ଓ ପୋଲିସ ନୀରବଦ୍ରଷ୍ଟା ସାଜିଛି । ଏଭଳି ବିଦ୍ୟୁତ୍ ସଂଯୋଗ କରି ବାରହା ଶିକାର କରୁଥିବା ସମୟରେ ବିଗତ ବର୍ଷରେ ଖଣ୍ଡପଡ଼ା ଅଞ୍ଚଳରେ ଏକାଧିକ ବ୍ୟକ୍ତିଙ୍କ ମୃତ୍ୟୁ ଘଟି ସାରିଛି । ଗତ ବର୍ଷ ଧାନଚେଙ୍ଗଡା ପଞ୍ଚାୟତ ଅଧୀନ ମହଲବେରେଣା ଗ୍ରାମର ଜଣେ ବ୍ୟକ୍ତିଙ୍କ ଗାଈ ମାଧପୁର ମାଳବନ୍ଧ ନିକଟରେ ବିଛାଯାଇଥିବା ବିଦ୍ୟୁତ ତାରରେ ଲାଗି ମୃତ୍ୟୁମୁଖରେ ପଡିଥିବା ନଜିର ରହିଛି ।

ଖଣ୍ଡପଡ଼ା ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବାରହା, ହରିଣ, କୋଟରା, ମୟୁର, ଠେକୁଆ ଆଦି ବିଭିନ୍ନ ବନ୍ୟଜନ୍ତୁଙ୍କ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି । ମାତ୍ର ଆବଶ୍ୟକ ଖାଦ୍ୟ ଅଭାବରୁ ବନ୍ୟଜନ୍ତୁମାନେ ନିକଟସ୍ଥ ଜନବସତି କିମ୍ବା ଶସ୍ୟ କ୍ଷେତ୍ରକୁ ଖାଦ୍ୟ ଅନ୍ୱେଷଣରେ

■ ବନ ବିଭାଗ ସାଜିଛି ନୀରବଦ୍ରଷ୍ଟା

■ ମୋଟର ପୋଡ଼ି ୭ ଦିନ ହେଲା ଜଳ ଯୋଗାଣ ବନ୍ଦ

ଚାଲି ଆସିଥାଆନ୍ତି । ପଥରଚକଡା ଓ ଧାନଚେଙ୍ଗଡା ପଞ୍ଚାୟତ ଅଞ୍ଚଳ ନିକଟବର୍ତ୍ତୀ ଗୋସିଙ୍ଗ ପାହାଡ଼, ବାଘମାରୀ ପାହାଡ଼, ବଡବାଣପୁର ବାରଖୋଲା ଜଙ୍ଗଲ, ଦଉ ପୋଖରୀ ଓ କଣ୍ଟାବଣିଆ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ବାର୍‌ହା ପଲ ରାତିରେ ଜନବସତି ତଥା ନିକଟବର୍ତ୍ତୀ ପନିପରିବା ଓ ଫସଲ ଚାଷ ହୋଇଥିବା ଅଞ୍ଚଳକୁ ଚାଲିଆସୁଛନ୍ତି । ଏହାର ସୁଯୋଗ ନେଇ ସ୍ଥାନୀୟ ଅଞ୍ଚଳର କେତେଜଣ ଅସାମାଜିକ ବ୍ୟକ୍ତି ଗ୍ରାମପାର୍ଶ୍ୱରେ ଯାଇଥିବା ଉଚ୍ଚ ଶକ୍ତି ସମ୍ପନ୍ନ୧୧ କେଭି ବିଦ୍ୟୁତ ତାରରୁ ଚୋରାରେ ହୁକ ପକାଇ ବାରହା ଶିକାର କରିଥାଆନ୍ତି । ସମ୍ପ୍ରତି ସଂରକ୍ଷିତ ଜଙ୍ଗଲ ନିକଟବର୍ତ୍ତୀ ତଥା ମହାନଦୀ ନିକଟ କ୍ଷେତରେ ବାଦାମ ଫସଲ ହୋଇଥିବାରୁ ସନ୍ଧ୍ୟା ହେଲେ ପଲ ପଲ ବାର୍‌ହା ପାଣି ପିଇବାକୁ ଓ ବାଦାମ ଖାଇବାକୁ ଆସିଥାଆନ୍ତି । ଏହାକୁ ଦୃଷ୍ଟିରେ ରଖି କେତେଜଣ ବ୍ୟକ୍ତି ବେଆଇନ ଭାବେ ନିକଟସ୍ଥ ୧୧ କେଭି ଲାଇନରେ ହୁକ ପକାଇ ତାର ବିଛାଇଥାଆନ୍ତି ।

କଣ୍ଟିଲୋ ଜଳ ସମ୍ପଦ ବିଭାଗ ଅଧୀନରେ ଥିବା କମେଇ ସେତୁଠାରୁ ମାଧପୁର ୫.୫ କିମି.ଚଣ୍ଡୀ ଘାଇ ମାଳବନ୍ଧର ଗୋଟିଏ ପାର୍ଶ୍ୱରେ ମହାନଦୀ ପ୍ରବାହିତ ହେଉଥିବା ବେଳେ ଅପରପାର୍ଶ୍ୱରେ ରହିଥିବା କ୍ଷେତରେ ବିଭିନ୍ନ ପ୍ରକାର ରବି ଫସଲ କରାଯାଇଛି । ମାଧପୁର ମାଳବନ୍ଧ ପାର୍ଶ୍ୱ ବାଲିଘାଟ ନିକଟରେ ମାଧପୁର ଜଳଯୋଗାଣ ପ୍ରକଳ୍ପ ରହିଛି । ନିର୍ଜନ ସ୍ଥାନରେ ଥିବା ଏହି ପ୍ରକଳ୍ପ ନିକଟ ୧୧ କେଭି ବିଦ୍ୟୁତ ଲାଇନରୁ ବେଆଇନ ଭାବେ ବାର୍‌ହା ଶିକାରୀମାନେ ବିଦ୍ୟୁତ ସଂଯୋଗ ନେଇ ତାର ବିଛାଇ ଥାଆନ୍ତି । ଫଳରେ ସେହି ତାରରେ ପଡ଼ି ବାର୍‌ହା ମରିଥାଆନ୍ତି । ହେଲେ ଏପରି ବାରମ୍ବାର ହେବା ଯୋଗୁ ଶଟସର୍କିଟ ଯୋଗୁ ଜଳଯୋଗାଣ ପ୍ରକଳ୍ପର ମୋଟର ପୋଡ଼ିଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଫଳରେ ଆଜକୁ ୭ ଦିନ ହେଲା ମାଧପୁର ଅଞ୍ଚଳକୁ ଜଳ ଯୋଗାଣ ବନ୍ଦ ରହିଥିବା ପଥରଚକଡ଼ା ସରପଞ୍ଚ ଶିବାନୀ ଦାସ କହିଛନ୍ତି ।

ଏହାଛଡା ପ୍ରାୟ ପ୍ରତିଦିନ ଏକାଧିକ ବ୍ୟକ୍ତି ପଥରଚକଡା ନୂଆସାହି ନିକଟ ବାଘମାରୀ ଜଙ୍ଗଲ, ଧାନଚେଙ୍ଗଡା, ଭୋଗଡା, ମହୁଲବେରଣା ନିକଟ ଗୋସିଙ୍ଗ ପାହାଡ଼ରୁ ବିଭିନ୍ନ ଶସ୍ୟ କ୍ଷେତ୍ରକୁ ଫସଲ ଖାଇବାକୁ ଆସୁଥିବା ବାରହାମାନଙ୍କୁ ବିଦ୍ୟୁତ ତାର ବିଛାଇ ଶୀକାର କରାଯାଉଥିବା ଅଭିଯୋଗ ହେଉଛି । ଏ ଦିଗରେ ବିଦ୍ୟୁତ ବିଭାଗ, ବନ ବିଭାଗ ଓ ପୋଲିସ ପ୍ରଶାସନ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ତେବେ ଏ ସମ୍ପର୍କରେ ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନଙ୍କ ସହ ଯୋଗାଯୋଗ କରିବାରେ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ରାତ୍ରୀ ପାଟ୍ରୋଲିଂ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବ ବୋଲି ପ୍ରଧାନ ସୂଚନା ଦେଇଛନ୍ତି ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଭିଜିତ୍


@ ବ୍ରଜକିଶୋର


@ ସୌମ୍ୟ


@ ରାକେଶ


@ ଅଜିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସରପଞ୍ଚଙ୍କ ବାପା, ସମିତି ସଭ୍ୟଙ୍କ ନାମରେ ରାଶନ କାର୍ଡ

ଓଡ଼ଗାଁ,୩୧।୧୦(ଆଦର୍ଶ କୁମାର ପଟ୍ଟନାୟକ)-ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ଆଦର୍ଶ ପଞ୍ଚାୟତ ଭାବେ ପୁରସ୍କୃତ କୁରାଳ ପଞ୍ଚାୟତରେ ରାଶନ କାର୍ଡ ପ୍ରଦାନରେ ଅନିୟମିତତା ହୋଇଛି । ପୂର୍ବରୁ ଜିଲାର ୧ନଂ. ଜିଲା ପରିଷଦ ସଦସ୍ୟଙ୍କ ନାମରେ ରାଶନ କାର୍ଡ ହୋଇଥିବା ଅଭିଯୋଗ ହୋଇଥିଲା । ଏହି ଖବର ପ୍ରକାଶ ପାଇବା ପରେ ସେହି କାର୍ଡକୁ ତଦନ୍ତ ପୂର୍ବରୁ ବାତିଲ କରାଯାଇଥିବା ସୂଚନା ମିଳିଥିଲା । ସମ୍ପ୍ରତି ଉକ୍ତ ପଞ୍ଚାୟତର ସରପଞ୍ଚ ବିଜନ ପାଇକରାୟଙ୍କ ବାପା ଦୁର୍ଗାଚରଣ ପାଇକରାୟଙ୍କ ନାମରେ ଏକ ରାଶନ କାର୍ଡ (କ୍ରମିକ ସଂଖ୍ୟା ୧୯୯୨, ନଂ.୨୪୦୭୫୧୩୨୫୪) ରହିଥିବା ସରକାରୀ ପୋର୍ଟାଲରେ ସ୍ପଷ୍ଟ ଉଲ୍ଲେଖ ରହିଛି । ଏଥିରେ ଜଣେ ସଦସ୍ୟଙ୍କ ନିମନ୍ତେ ୫ କେଜି ଚାଉଳର ସୁବିଧା ରହିଛି । ହେଲେ ସରପଞ୍ଚଙ୍କ ବାପା ଜଣେ ରାଜ୍ୟ ସରକାରଙ୍କ ପେନସନ ଭୋଗୀ ହୋଇଥିବା ବେଳେ ସେ ରାଶନ କାର୍ଡ ହାତେଇବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାବ୍ୟତୀତ ଏହି ପଞ୍ଚାୟତରେ ଅନ୍ୟ ଏକ ବ୍ୟତିକ୍ରମ ଅନୁସାରେ ଏବର ନିର୍ବାଚିତ ସମିତି ସଭ୍ୟା କନକ ପାତ୍ରଙ୍କ ସମେତ ତାଙ୍କ ପରିବାରର ୪ ଜଣ ସଦସ୍ୟଙ୍କ ନାମରେ ଅନ୍ତୋଦ୍ୟୋୟ ଅନ୍ନପୂର୍ଣ୍ଣା କାର୍ଡ (କ୍ରମିକ ସଂଖ୍ୟା ୮୦୦ନଂ.୨୪୦୭୧୫୧୧୧୧୧) ରହିଛି । ଏଥିପାଇଁ ତାଙ୍କ ପରିବାର ମାସିକ ୩୫ କେଜି ଚାଉଳ ପାଉଛନ୍ତି ।

ଏନେଇ ସରପଞ୍ଚ ପାଇକରାୟ କହିଛନ୍ତି ବାପାଙ୍କ ନାମରେ ରାଶନ କାର୍ଡ ରହିଥିବା କଥା ସେ ଜାଣି ନାହାନ୍ତି । ସେ କେବେ ହେଲେ ଚାଉଳ ଆଣୁ ନ ଥିବା କହିଛନ୍ତି। ଅନ୍ୟପକ୍ଷେ ସମିତି ସଭ୍ୟା ପାତ୍ର ତାଙ୍କ ନାମରେ ରାଶନ କାର୍ଡ ରହିଥିବା କଥା ସ୍ୱୀକାର କରିଛନ୍ତି । ସେ ଜଣେ ଯୋଗ୍ୟ ହିତାଧିକାରୀ ବୋଲି ଦର୍ଶାଇଛନ୍ତି । ହେଲେ ତାଙ୍କ ପରିବାରର କୁଆଡେ ୨ଟି କୋଠା ଘର ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି । ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ସୁବ୍ରତ କୁମାର ମଲିକ ଅଭିଯୋଗ ମିଳିଲେ ତଦନ୍ତ କରାଯିବ ବୋଲି ତଥାକଥିତ ଢଙ୍ଗରେ କହିଛନ୍ତି ।

